# ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

## ସୂଚନା

ବହୁଦିନ ଧରି ସମାଜ କେବଳ ଭୋଗ-ବିଳାସ, ସୁଖ-ସ୍ୱାଚ୍ଛନ୍ଦ୍ୟ ଦିଗରେହିଁ ଯେ ପୁରୁଷମାନଙ୍କ ପ୍ରତି ପକ୍ଷପାତିତ୍ୱ କରି ନାରୀମାନଙ୍କୁ ଅବହେଳା କରିଆସିଛି, ତାହା ନୁହେଁ, ଆଧ୍ୟାତ୍ମିକ ମାର୍ଗରେ ମଧ୍ୟ ନାରୀମାନଙ୍କ ପ୍ରତି ଅତି ଅବହେଳା ପ୍ରଦର୍ଶନ କରିବା ଏକ ସାମାଜିକ ସଂସ୍କାରରେ ପରିଣତ ହୋଇଯାଇଛି । ଆଧ୍ୟାତ୍ମିକତା ଓ ସତ୍ୟ ପ୍ରତି ପୂର୍ଣ୍ଣାଙ୍ଗ ଦୃଷ୍ଟିକୋଣର ଅଭାବରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ ଯେହେତୁ ସମଗ୍ର ମାନବତାର ରୂପାନ୍ତର ସାଧନ କରି ଏକ ଦିବ୍ୟଯୁଗ ପ୍ରତିଷ୍ଠା କରିବାକୁ ଉଦ୍ଦିଷ୍ଟ, ଏ ଯୋଗରେ ମାନବତାର ଅର୍ଦ୍ଧଶକ୍ତି ନାରୀର ଭୂମିକା ପୁରୁଷର ସମତୁଲ୍ୟ । ବରଂ ସଂସ୍କାରଗତ ଅବହେଳା ଦୃଷ୍ଟିରୁ ଏବେ ସେମାନଙ୍କ ପ୍ରତି ନିର୍ଦ୍ଦିଷ୍ଟ ଭାବରେ ଗୁରୁତ୍ୱ ଦେବାର ସମୟ ଆସିଛି ।

ଏହି ପୁସ୍ତିକାରେ ଦୁଇଟି ଭାଗ ଏକତ୍ର ରହିଛି । ପ୍ରଥମ ଭାଗରେ ନାରୀର ଅତୀତ ଅବସ୍ଥା, ବର୍ତ୍ତମାନ ଅବସ୍ଥା ଓ ଭବିଷ୍ୟତ୍ ପାଇଁ ସେମାନଙ୍କର ମହତୀ ଭୂମିକା କଥା ଆଲୋଚନା କରାଯାଇଛି । ସେହି ମହତୀ ଭୂମିକା ଯଥାଯଥ ଭାବରେ ତୁଲାଇବା ସକାଶେ ବାଲ୍ୟାବସ୍ଥାରୁ କିପରି ମାର୍ଗରେ ନିଜକୁ ପରିଚାଳିତ କରିବାକୁ ହେବ, ସେସମ୍ପର୍କରେ ବାସ୍ତବ ନିର୍ଦ୍ଦେଶ ଦ୍ୱିତୀୟ ଭାଗରେ ଦିଆଯାଇଛି ।

ଓଡ଼ିଶାର ନାରୀସମାଜ ଏହି ପୁସ୍ତିକାଟି ଦ୍ୱାରା ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶା କରାଯାଏ ।

— ପ୍ରକାଶକ

# ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

## ପ୍ରଥମ ଭାଗ

ନାରୀମାନଙ୍କ ତପଃଶକ୍ତିରେ ସଂସାରର ଉନ୍ନତି

*

ଅତୀତର ନାରୀ

*

ନାରୀମାନଙ୍କ ତପଃଶକ୍ତିର କ୍ଷୀଣତା

*

ତପଃ ହ୍ରାସ ହେବାର କାରଣ

*

ନାରୀମାନେ କ'ଣ ପୂର୍ବାବସ୍ଥାକୁ ଫେରିବେ ?

*

ପାତିବ୍ରତ୍ୟ ଧର୍ମର ଆଦର୍ଶ : ସୀତା

*

ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ

*

ଭାରତର ଧର୍ମ-ଭିତ୍ତି : ନାରୀ

*

ନାରୀମାନଙ୍କୁ କ'ଣ କରିବାକୁ ହେବ ?

# ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

## ନାରୀମାନଙ୍କ ତପଃଶକ୍ତିରେ ସଂସାରର ଉନ୍ନତି

ଶକ୍ତିସ୍ୱରୂପା ନାରୀ, ଆଦ୍ୟାଶକ୍ତିଙ୍କ ଅଂଶଭୂତା, ମା'। ନାରୀ ବିନା ନର ଶକ୍ତିହୀନ। ପୁରୁଷ ଓ ପ୍ରକୃତିର ସଂଯୋଗରେ ହୁଏ ସୃଷ୍ଟି ସର୍ଜନା; ନର-ନାରୀଙ୍କ ସମନ୍ୱୟରେ ହୁଏ ସଂସାରର ବିକାଶ। ପୁରୁଷ ଓ ପ୍ରକୃତିର ଅଂଶ ନର ଏବଂ ନାରୀ। ନାରୀମାନଙ୍କ ତପଃଶକ୍ତି – ସଚ୍ଚରିତ୍ର, ସଦ୍‌ଗୁଣହିଁ ସଂସାରର ଉନ୍ନତିର କାରଣ। ମା'ମାନଙ୍କ ସଚ୍ଚରିତ୍ର, ସଦ୍‌ଗୁଣହିଁ ସନ୍ତାନ ମଧ୍ୟରେ ସଞ୍ଚାରିତ ହୁଏ ଓ ସଂସ୍କାରରେ ପରିଣତ ହୁଏ। ମା'ର ତପଃଶକ୍ତି କ୍ଷୀଣ ହେଲେ ସନ୍ତାନ କୁସଂସ୍କାରଗ୍ରସ୍ତ ହୁଏ; ସେମାନଙ୍କ ଦ୍ୱାରା ସଂସାରର ଅବନତି ହୁଏ। ସଂସାରରେ ବିଶେଷ ପରିବର୍ତ୍ତନ ଆଣିବାକୁ ହେଲେ ଆଦ୍ୟାଶକ୍ତି ସ୍ୱୟଂ ନାରୀମାନଙ୍କ ପ୍ରତିନିଧି ହୋଇ ସଂସାରରେ ଦୁର୍ଗାରୂପେ ପ୍ରକଟ ହୋଇ ଅସୁର-ମର୍ଦନ କରନ୍ତି; କିନ୍ତୁ ସଂସାରରେ ଆଦର୍ଶ ଓ ପ୍ରେମ ସ୍ଥାପନ କରିବାକୁ ହେଲେ ପାର୍ଥିବ ଶରୀରରେ ସୀତା, ରାଧା ଆଦି ରୂପେ ଅବତାର ନେଇ ପତି-ଭକ୍ତି, ପତିବ୍ରତା ଧର୍ମ ତଥା ଭଗବତ୍ ପ୍ରେମ ସ୍ଥାପନ କରନ୍ତି। ଯଥାର୍ଥରେ ସଂସାରର ଉନ୍ନତି ଏବଂ ବିକାଶରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଦାନ ଅଧିକ। ସଂସାରରେ ସତ୍ୟ ପ୍ରତିଷ୍ଠା ହୁଏ ନାରୀମାନଙ୍କ ତପଃଶକ୍ତି ଦ୍ୱାରା।

## ଅତୀତର ନାରୀ

ପୂର୍ବେ ମା'ଭଉଣୀମାନେ ଯଦ୍ୟପି ପଢ଼ାଶୁଣା କରି ନ ଥିଲେ, ତଥାପି ପରମ୍ପରାରୁ ପ୍ରାପ୍ତ କେତେଗୁଡ଼ିଏ ଶିକ୍ଷାପ୍ରଦ ଗୀତ ମୁଖସ୍ଥ କରି ନେଇଥିଲେ, କେତେଗୁଡ଼ିଏ କାହାଣୀ ଜାଣିଥିଲେ ଏବଂ ସେହି ଆଦର୍ଶରେ ଜୀବନ ଗଢୁଥିଲେ। ମା'ମାନେ ପତି, ପୁତ୍ର, କନ୍ୟାମାନଙ୍କ କଲ୍ୟାଣ ପାଇଁ ଲକ୍ଷ୍ମୀପୂଜା, ମାଣବସାବ୍ରତ, ସୁଦଶାବ୍ରତ, ବଡ଼ଓଷା ଇତ୍ୟାଦି ବାର ମାସରେ ଚବିଶ ବ୍ରତ ଉପବାସ କରୁଥିଲେ। ଉପାସ୍ୟ ଦେବତାଙ୍କୁ ପୂଜା କରିବା ସମୟରେ ବ୍ରତର ମାହାତ୍ମ୍ୟ ପଢ଼ା ହେଉଥିଲା। ମା'ମାନଙ୍କ ସଙ୍ଗେ ଛୋଟ ଛୋଟ ଝିଅମାନେ ସେସବୁ ଶୁଣୁଥିଲେ। ମା'ମାନଙ୍କର ବୁଦ୍ଧି ବିକଶିତ ହୋଇ ନ ଥିଲା, କିନ୍ତୁ ହୃଦୟ ସରଳ ଥିଲା। ସେମାନେ ବ୍ରତ ପାଳନ ଓ ଦେବ-ଦେବୀ ପୂଜନର ମହତ୍ତ୍ୱକୁ ବିଶ୍ୱାସ କରୁଥିଲେ ଏବଂ ତଦନୁରୂପ ଫଳ ପାଉଥିଲେ। ମନୁଷ୍ୟର ବିଶ୍ୱାସ ହେଉଛି କଳ୍ପତରୁ; ବିଶ୍ୱାସରେ ଯାହା ଚାହିଁବ ତାହା ପାଇବ। ଆଜି ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ବିଶ୍ୱାସ ଓ ଭାବ ଦୁଇଟି ଲୋପ ପାଇଛି। ଆଜିକାଲିର ବୁଦ୍ଧିପ୍ରଧାନ ବ୍ୟକ୍ତି ପୂର୍ବ ବିଶ୍ୱାସ ଓ ଭାବକୁ କୁସଂସ୍କାର ବୋଲି କହୁଅଛନ୍ତି। ମା'ମାନଙ୍କର ବିଶ୍ୱାସ, ନିଷ୍ଠା ଓ ଭାବର ପ୍ରଭାବ ସରଳ, ସ୍ୱଚ୍ଛ, ନିଷ୍କପଟ, ପବିତ୍ରହୃଦୟା ବାଳିକାମାନଙ୍କ ରକ୍ତ ସହିତ ମିଶି ସଂସ୍କାରରେ ପରିଣତ ହୋଇଯାଉଥିଲା। ମା'ମାନେ ଝିଅମାନଙ୍କୁ ପାତିବ୍ରତ୍ୟ ଶିକ୍ଷା ଦେଉଥିଲେ, ସେମାନଙ୍କ ସମ୍ମୁଖରେ ଉଦାହରଣରୂପେ ନିଜର ଆଚରଣ ରଖୁଥିଲେ। ମା'ମାନଙ୍କ ପ୍ରଭାବରୁ ଝିଅମାନେ ସ୍ୱଭାବତଃ ଧର୍ମପରାୟଣା ହେଉଥିଲେ। ସେସମୟରେ ସତୀତ୍ୱର ଗୌରବ ଥିଲା, ଚରିତ୍ରର ସମ୍ମାନ ଥିଲା, ମାତୃତ୍ୱର ଆଦର ଥିଲା। ମା'ମାନେ ଇଂରାଜୀ ପଢ଼ି ଡିଗ୍ରୀ ପ୍ରାପ୍ତ କରି ନ ଥିଲେ, ସଭାରେ ଭାଷଣ ଦେବାରେ ଅସମର୍ଥା ଥିଲେ, ରାଜନୀତି ଜାଣି ନ ଥିଲେ, ତଥାପି ସେମାନଙ୍କର ଥିଲା ମାତୃତ୍ୱ, ଚରିତ୍ର, ସତୀତ୍ୱ – ସେମାନେ ଯଥାର୍ଥରେ ଥିଲେ ଗୃହଲକ୍ଷ୍ମୀ, ଦେବୀ, ମା'। ସେମାନଙ୍କର ଧର୍ମରେ ବିଶ୍ୱାସ ଥିଲା। ସେହିମାନଙ୍କ ଧର୍ମର ପ୍ରଭାବରୁ ସମସ୍ତ ପରିବାର ସୁଖରେ ରହୁଥିଲେ। ସଚ୍ଚରିତ୍ରା ଗୋଟିଏ ଝିଅ ଯେଉଁ ପରିବାରକୁ ଯାଉଥିଲା, ସେ ଘରର ସମଗ୍ର ପରିସ୍ଥିତି ବଦଳି ଯାଉଥିଲା। ସେହି ସମୟର ମା'ମାନେ ରାଜା ବିକ୍ରମାଦିତ୍ୟ, ଭୋଜ, ଶିବାଜି, ମହାପୁରୁଷ

ଜ୍ଞାନଦେବ, ନାମଦେବ, ସମର୍ଥ ରାମଦାସ, ତୁଳସୀ ଦାସ, ସୁରଦାସ, ଚୈତନ୍ୟ ମହାପ୍ରଭୁ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ମାଧବ ଦାସ ପ୍ରଭୃତି କେତେ ବୀର, ଯୋଦ୍ଧା, ସନ୍ଥ, ମହାତ୍ମାମାନଙ୍କୁ ଜନ୍ମ ଦେଇଥିଲେ । ମା'ମାନଙ୍କ ଧାର୍ମିକ ଆଚରଣରୁ କେତେ ପୁରୁଷ ପର୍ଯ୍ୟନ୍ତ ଭାଇମାନେ ଏକାନ୍ନରେ ରହୁଥିଲେ । ଗ୍ରାମରେ ଉଚ୍ଚ, ନୀଚ ସବୁ ଶ୍ରେଣୀର ଲୋକେ ବାସ କରୁଥିଲେ, କିନ୍ତୁ ପରସ୍ପର ମଧ୍ୟରେ ସହଯୋଗ, ଧର୍ମଭାବ ଥିଲା । ସଭିଏଁ ଅନ୍ୟ ଜାତିର ସମବୟସ୍କ ବ୍ୟକ୍ତିର କନ୍ୟା ପ୍ରତି ନିଜର କନ୍ୟା, ଅନ୍ୟର ମା' ପ୍ରତି ନିଜର ମା' ଭାବ ରଖୁଥିଲେ । ସେତେବେଳେ ଧର୍ମର ଏପରି ବିଶ୍ୱାସ ଥିଲା ଯେ ମହାପ୍ରସାଦ ଦ୍ୱାରା ସ୍ଥାପିତ ସମ୍ବନ୍ଧକୁ ନିଜର ମା, ସହୋଦର, ଭଉଣୀ ଭାବରେ ପାଳନ କରାହେଉଥିଲା । ଏହି ଧର୍ମଭାବ ନୈତିକତା ଏବଂ ଶ୍ରେଷ୍ଠ ବ୍ୟକ୍ତିଙ୍କ ଆଚରଣ ଉପରେ ପ୍ରତିଷ୍ଠିତ ଥିଲା । ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଏହି ଦୁର୍ବଳ ଭିତ୍ତି ଭୁଶୁଡ଼ି ପଡ଼ିଲା । ଏହି ସବୁର ଦୃଢ଼ ଭିତ୍ତି ହେଉଛି ଅନ୍ତରାତ୍ମା । ସେ ଯଦି ଜାଗ୍ରତ ହୋଇଥାଆନ୍ତା, ତେବେ ବିକଶିତ ମନ-ବୁଦ୍ଧିକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିଥାଆନ୍ତା । ଅନ୍ତରାତ୍ମାର ନେତୃତ୍ୱ ବିନା ବୁଦ୍ଧିର ବିକାଶ ଯୋଗୁଁ ସମାଜରୁ ଧର୍ମ-ବିଶ୍ୱାସ ତୁଟିଗଲା ।

ସେସମୟରେ ଲୋକମାନଙ୍କ ମଧ୍ୟରେ ଧର୍ମଭାବ ଯୋଗୁଁ ସଂସାର ସୁଖରେ ଥିଲା । ଏହା ଥିଲା କେବଳ ମା'ମାନଙ୍କ ତପସ୍ୟା ଓ ସ୍ୱାର୍ଥତ୍ୟାଗର ଫଳ । ସେମାନେ ପତିଙ୍କୁ ଈଶ୍ୱରଙ୍କ ପ୍ରତିନିଧି ମାନି ସେବା କରୁଥିଲେ । ଏହିରୂପ ଈଶ୍ୱରୋପାସନା, ତପସ୍ୟା ଦ୍ୱାରା ସେମାନଙ୍କ ହୃଦୟ ଶୁଦ୍ଧ ହେଉଥିଲା । ସେମାନଙ୍କ ତପସ୍ୟାର ପ୍ରଭାବରୁ ପତି ଏବଂ ସନ୍ତାନମାନଙ୍କ ହୃଦୟ ଦୋଷରୁ ମୁକ୍ତ ହେଉଥିଲା । ଶାସ୍ତ୍ର ସେସମୟରେ ରମଣୀକୁ ଅବଳା ଆଖ୍ୟା ଦେଇଥିଲା । କାରଣ ସେମାନେ ପତି, ପୁତ୍ର ଆଶ୍ରୟରେ ରହୁଥିଲେ । ପତି, ପୁତ୍ର ଆଶ୍ରୟରେ ରହି ଏପରି ତପଃଶକ୍ତି ପ୍ରାପ୍ତ କରୁଥିଲେ ଯେ ନିଜ ତପୋବଳରେ ପତି, ପୁତ୍ର, କନ୍ୟାମାନଙ୍କୁ ସବଳ କରି ତୋଳୁଥିଲେ । ନାରୀମାନେ ଯେପର୍ଯ୍ୟନ୍ତ ନିଜ ଧର୍ମରେ ଦୃଢ଼ ଥାଆନ୍ତି, ସେପର୍ଯ୍ୟନ୍ତ ସଂସାର ସୁଖ-ସମୃଦ୍ଧିରେ ଥାଏ । ସେମାନଙ୍କର ତପଃଶକ୍ତି କ୍ଷୀଣ ହେଲେ ସଂସାର ରସାତଳଗାମୀ ହୁଏ । ବର୍ତ୍ତମାନ ସଂସାରର ଅବନତିର ପ୍ରଧାନ କାରଣ ହେଉଛି ନାରୀମାନଙ୍କର ତପଃଶକ୍ତିର ହ୍ରାସ । ଯେତେବେଳେ ସେମାନଙ୍କ ତପଃଶକ୍ତି ବୃଦ୍ଧି ହେବ, ସେତେବେଳେ ପୁନର୍ବାର ଜଗତ୍ ନିଜ ଉଚ୍ଚାସନରେ ଆସୀନ ହେବ । ଜଗତର ଉନ୍ନତି ଅଧିକ ପରିମାଣରେ ନିର୍ଭର କରୁଛି ମା'ମାନଙ୍କ ଉପରେ । ବର୍ତ୍ତମାନ ସମୟ ଆସିଛି, ସେମାନଙ୍କୁ ଏହି ଜଗତର ଉନ୍ନତିରେ ପୁରୁଷମାନଙ୍କ ସହିତ ଅଂଶ ଗ୍ରହଣ କରିବାକୁ ହେବ ।

## ନାରୀମାନଙ୍କ ତପଃଶକ୍ତିର କ୍ଷୀଣତା

ଯାତ୍ରୀ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଅହରହ ଯାତ୍ରା କରୁଥାଏ । ମାର୍ଗର ବିଶ୍ରାମ ସ୍ଥାନ ସୁନ୍ଦର ବା ଅସୁନ୍ଦର ହେଉ, ସୁଖପ୍ରଦ ବା ଦୁଃଖପ୍ରଦ ହେଉ, ସେଥିପ୍ରତି ସେ ଦୃଷ୍ଟି ଦିଏ ନାହିଁ । ବିଶ୍ରାମ ପରେ ପୁନରାୟ ନିଜ ମାର୍ଗରେ ଯାତ୍ରାକରେ । ସେହିପରି ମନୁଷ୍ୟର କ୍ରମବିକାଶ ଧାରାରେ ପ୍ରକୃତି ନିରନ୍ତର ମନୁଷ୍ୟକୁ ଆଗେଇ ନେଇ ଚାଲିଅଛି, ଏହିପରି ବରାବର ଚାଲିଥିବ । ବିକାଶର ଦୁଇଟି ପର୍ଯ୍ୟାୟ : ପ୍ରଥମଟି ଦୁଃଖଦ୍ୱନ୍ଦ୍ୱରୁ ପରମ ଆନନ୍ଦକୁ ଏବଂ ଶେଷଟି ପରମାନନ୍ଦରୁ ଅନନ୍ତ ପରମାନନ୍ଦ ଆଡ଼କୁ ଯାତ୍ରା । ବର୍ତ୍ତମାନର ଯାତ୍ରା ଦୁଃଖରୁ ପରମ ସୁଖ ଆଡ଼କୁ ହେଉଅଛି । ସେହି ଲକ୍ଷ୍ୟମାର୍ଗରେ ପ୍ରାପ୍ତ ସୁଖ-ଦୁଃଖ ଅବସ୍ଥାରେ ମନୁଷ୍ୟ ସ୍ଥାୟୀ ହୋଇ ରହି ପାରୁ ନାହିଁ । ପୂର୍ବେ ସାମୟିକ ରୂପେ ଯଦ୍ୟପି କିଛି ଅଂଶରେ ମନୁଷ୍ୟକୁ ସୁଖ ପ୍ରାପ୍ତି ହେଉଥିଲା ସେଥିରେ ପ୍ରକୃତି ମନୁଷ୍ୟକୁ ଚିରସ୍ଥାୟୀ ହେବାକୁ ଦେଲା ନାହିଁ । ଭାରତରେ ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ସଭ୍ୟତା ପ୍ରବେଶ କଲା । ଏହି ସଭ୍ୟତାରେ ମନୁଷ୍ୟର ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ହାର୍ଦ୍ଦିକ ଧର୍ମନାଶ ହେଲା ଏବଂ ଅଧର୍ମର ବୃଦ୍ଧି ହେବାକୁ ଲାଗିଲା । ଏହି ପ୍ରଭାବ ମଧ୍ୟ ନାରୀମାନଙ୍କ ଉପରେ ପଡ଼ିଲା । ସେମାନଙ୍କ ତପଃଶକ୍ତିର ଅଭାବରୁ ଭାରତ ତଥା ଜଗତର ପତନ ହେଲା । ପୂର୍ବେ ନାରୀମାନେ ନିରକ୍ଷରା ଥିଲେ । ଅନ୍ୟ ଦେଶର ସଭ୍ୟତା ସେମାନେ ଜାଣି ନ ଥିଲେ, ସେମାନଙ୍କ ଉପରେ ଅନ୍ୟ ସଭ୍ୟତାର ପ୍ରଭାବ

ପଡୁ ନ ଥିଲା । ଯଦ୍ୟପି ସେମାନଙ୍କର ଧର୍ମଭାବ, ତପଃଶକ୍ତି ଥିଲା, ତଥାପି ସେମାନଙ୍କ ମନ, ବିଚାର, ଧର୍ମଭାବ ଥିଲା ବହୁତ ସୀମିତ । ସେମାନଙ୍କୁ ଚିରଦିନ ସେହି ସୀମିତତାରେ ରହିବାକୁ ହେଉ, ଏକଥା ପ୍ରକୃତି ଚାହୁଁ ନ ଥିଲା । ପ୍ରକୃତି ଚାହୁଁଥିଲା, ସେମାନଙ୍କ ଧର୍ମର ଭିତ୍ତି ଏପରି ଦୃଢ଼ ହେଉ ଯଦ୍ଦ୍ୱାରା ବାହାରର କୌଣସି ପ୍ରଭାବ ତାକୁ ବିଚଳିତ କରି ପାରିବ ନାହିଁ । ସେଥିସକାଶେ ଭବିଷ୍ୟତର ବିଶେଷ ବିକାଶରେ ସେମାନଙ୍କର ଅଂଶଗ୍ରହଣ ଅନିବାର୍ଯ୍ୟ ଥିଲା । କାରଣ ଗୋଟିଏ ଦୃଢ଼ଭିତ୍ତି ତିଆରି କରିବା ସକାଶେ ପୁରାତନ ଦୁର୍ବଳ ଭିତ୍ତିକୁ ଭାଙ୍ଗିଦେବା ଉଚିତ । ତେଣୁ ପ୍ରକୃତିର ବିଧାନାନୁସାରେ ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ସଭ୍ୟତାର ପ୍ରଭାବରୁ ସ୍କୁଲ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ଝିଅମାନେ ସ୍କୁଲରେ ବିଦ୍ୟା ଶିକ୍ଷା କଲେ । ଶିକ୍ଷା ମଧ୍ୟଦେଇ ସେମାନଙ୍କ ଉପରେ ବିଦେଶୀ ସଭ୍ୟତାର ପ୍ରଭାବ ପଡ଼ିବାରୁ ସେମାନେ ସେହି ସଭ୍ୟତାରେ ଅନୁପ୍ରାଣିତ ହେଲେ । ପାତ୍ରରେ ଏକ ସମୟରେ ଗୋଟିଏ ବସ୍ତୁ ରହିପାରେ; ନୂତନ ବସ୍ତୁ ଯେତେ ପରିମାଣରେ ପ୍ରବେଶ କରେ ପୁରାତନ ବସ୍ତୁ ତେତେ ପରିମାଣରେ ବାହାରିଯାଏ । ଏହାହିଁ ହେଲା ଭାରତୀୟ ନାରୀମାନଙ୍କର ଅବସ୍ଥା । ସେମାନଙ୍କର ଧର୍ମଭାବ କ୍ରମଶଃ ହ୍ରାସ ହେଲା, ସ୍ୱଚ୍ଛନ୍ଦତା ପ୍ରତି ଅନୁରାଗ ବୃଦ୍ଧି ହେଲା ।

## ତପଃ ହ୍ରାସ ହେବାର କାରଣ

ମନୁଷ୍ୟ ମଧ୍ୟରେ ତିନୋଟି ସତ୍ତା ଅଛି : ଅନ୍ତରାତ୍ମା, ମନ ଓ ପ୍ରାଣ । ଅନ୍ତରାତ୍ମା ଭାଗବତ ପ୍ରତିଭୂ, ଜ୍ଞାନର ସ୍ୱରୂପ, ଦିବ୍ୟଦୃଷ୍ଟିଯୁକ୍ତ । ଏହି ଅନ୍ତରାତ୍ମା ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ, ଚୈତନ୍ୟମୟ କରିଥାଏ । ଏହି ଆତ୍ମା ପୂର୍ଣ୍ଣତଃ ଜାଗ୍ରତ ହେଲେ ମନ, ପ୍ରାଣକୁ ଶାସନ କରେ, ସେସବୁକୁ ଯଥାର୍ଥ ସତ୍ୟ ଓ ଅଭ୍ରାନ୍ତ ମାର୍ଗରେ ପରିଚାଳିତ କରେ । ଏହି ସତ୍ତା ଜାଗ୍ରତ ହେବା ପୂର୍ବରୁ ମନ, ପ୍ରାଣ ଅନ୍ଧକାରରେ, ଅଜ୍ଞାନ ମାର୍ଗରେ ଦୌଡ଼ିଲା ପରି ଖାଲରେ ପଡ଼ି ଆଣ୍ଠୁ ଗଣ୍ଠି ଭାଙ୍ଗି ପକାନ୍ତି । ପୂର୍ବ କାଳରେ ନାରୀମାନଙ୍କର ଅନ୍ତରାତ୍ମା ଜାଗ୍ରତ ନ ଥିଲା ଏବଂ ମନ, ପ୍ରାଣ ମଧ୍ୟ ଅଧିକ ବିକଶିତ ହୋଇ ନ ଥିଲା । ସେମାନଙ୍କର ଧାର୍ମିକତା ପ୍ରତିଷ୍ଠିତ ଥିଲା ଶ୍ରେଷ୍ଠ ବ୍ୟକ୍ତିଙ୍କ ଆଚରଣର ଅନୁକରଣ ଓ ନୈତିକତା ଉପରେ । ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଯୁକ୍ତିତର୍କର ବତାସରେ ଦୁର୍ବଳ ଭିତ୍ତି ଉପରେ ପ୍ରତିଷ୍ଠିତ ଧର୍ମ ଧରାଶାୟୀ ହେଲା ।

ଏହାହିଁ ପ୍ରକୃତିର ନିୟମ । ପ୍ରକୃତି ଯେଉଁ ଅବସ୍ଥାର ବୃଦ୍ଧି କରିବାକୁ ଚାହେଁ ସେହିପରି ବାତାବରଣ ସୃଷ୍ଟି କରେ । ଯେତେବେଳେ ନାରୀମାନଙ୍କର ଧର୍ମଭାବ ବିକଶିତ ହେବାର ସମୟ ଥିଲା, ସେତେବେଳେ ସେହିପରି ଅନୁକୂଳ ବାତାବରଣ, ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ସୃଷ୍ଟି କରାଯାଇଥିଲା । ଆଜିକାଲି ଧର୍ମଭାବ ବିରୋଧରେ ବାତାବରଣ ସୃଷ୍ଟିକରା ହୋଇଛି । ଝିଅମାନେ ପଢ଼ିଲେଖି ବିଦୁଷୀ ହେଲେ, ସେମାନଙ୍କ ବୁଦ୍ଧି ମା'ମାନଙ୍କ ବୁଦ୍ଧିଠାରୁ ଅଧିକ ବିକଶିତ ହେଲା । ସେମାନେ ମା'ମାନଙ୍କ ଧର୍ମୋପଦେଶ ଗ୍ରହଣ କଲେ ନାହିଁ । ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବରୁ ହୃଦୟ ଅଧିକ ଆବୃତ ହୋଇଗଲା, ସେଥିସକାଶେ ମା'ମାନଙ୍କ ଧର୍ମାଚରଣ ଗ୍ରହଣ କରିବାକୁ ସେମାନେ ଅସମର୍ଥା ହେଲେ । ମା'ମାନଙ୍କ ଧର୍ମଭାବ ସେମାନଙ୍କ ଦୃଷ୍ଟିରେ କୁସଂସ୍କାର ରୂପେ ପ୍ରତୀତ ହେଲା । କଲେଜରେ ପଢ଼ି, ଡିଗ୍ରୀ ପାଇ, ନାମ ସହିତ କେତେଗୁଡ଼ିଏ ବିଶେଷଣ ଯୋଗ କରିଥିବା ଶିକ୍ଷିତା ନାରୀମାନେ ପୂର୍ବ ଧର୍ମପରାୟଣା, ପତିବ୍ରତା ମା'ମାନଙ୍କ ଆଚରଣ, ଧର୍ମୋପାସନାକୁ ସମାଲୋଚନାତ୍ମକ ଘୃଣା ଦୃଷ୍ଟିରେ ଦେଖିଲେ । ସେମାନଙ୍କ ଦୃଷ୍ଟିରେ ମା'ମାନଙ୍କର ସେହି ଧର୍ମଭାବ ଥିଲା କୁସଂସ୍କାର ଏବଂ ପୁରୁଷର ଅଧୀନତା । ନାରୀ-ପରତନ୍ତ୍ରତାର କାରଣ ପୁରୁଷ । ପୁରୁଷ ଏବଂ ଧର୍ମଶାସ୍ତ୍ର ନାରୀ ଜାତି ପ୍ରତି ଘୋର ଅନ୍ୟାୟ କରିଥିବାର ସେମାନେ ଅଭିଯୋଗ କରୁଅଛନ୍ତି ଏବଂ ତାହାର ପ୍ରତିଶୋଧ ନେବାକୁ ସେମାନେ ବଦ୍ଧପରିକର ହୋଇ ଅଛନ୍ତି । ସେମାନେ ତୀବ୍ରଭାବେ ଶାସ୍ତ୍ର ଏବଂ ପୁରୁଷର ବଶତାସ୍ୱରୂପ ପତିବ୍ରତା-ଧର୍ମର ପ୍ରତିବାଦ କରୁଅଛନ୍ତି । ସେମାନେ ଯୁକ୍ତି ଦେଉଛନ୍ତି : ଶାସ୍ତ୍ର ପତିବ୍ରତା ଧର୍ମାନୁସାରେ ସ୍ତ୍ରୀମାନଙ୍କୁ ପତି ସହିତ ଅଗ୍ନିରେ ଜଳି ପ୍ରାଣତ୍ୟାଗ କରିବାକୁ ବ୍ୟବସ୍ଥା କରିଅଛି; କିନ୍ତୁ ସ୍ତ୍ରୀମାନଙ୍କ ସହିତ ପୁରୁଷମାନଙ୍କୁ ସ୍ତ୍ରୀ-ଚିତାରେ ଜଳି ପ୍ରାଣତ୍ୟାଗ କରିବାର ବ୍ୟବସ୍ଥା କରି ନାହିଁ । ଏହା ଶାସ୍ତ୍ରର ପକ୍ଷପାତିତା । ସ୍ତ୍ରୀମାନେ ଏକପତିନିଷ୍ଠ ହୋଇ ପାତିବ୍ରତ୍ୟ ଧର୍ମପାଳନ କରିବେ, ପୁରୁଷମାନେ

ଇଚ୍ଛାନୁସାରେ ଏକାଧିକ ଦାର ପରିଗ୍ରହଣ କରିପାରିବେ; ପୁରୁଷମାନେ ଦେଶ-ବିଦେଶ ଯିବେ, ନାନା ପ୍ରକାର ବସ୍ତୁ ଦେଖିବେ, ଜାଣିବେ; ସ୍ୱଚ୍ଛନ୍ଦରେ ସ୍ୱତନ୍ତ୍ରତା ପୂର୍ବକ ବୁଲିବେ; ଯାହା ମନରେ ଆସିବ ତାହା କରିବେ; ସ୍ତ୍ରୀମାନଙ୍କୁ ଘରେ ରୋଷାଇ କରିବା, ପିଲାମାନଙ୍କୁ ପାଳନ-ପୋଷଣ କରିବା, ଗୁହାଳ ପୋଛିବା, ବାସନ ମାଜିବା, ଘର ପରିଷ୍କାର କରିବା ଆଦି କାର୍ଯ୍ୟରେ ନିଯୁକ୍ତ ରଖି ଚାକର ସଦୃଶ କୂପମଣ୍ଡୁକ କରି ରଖିବେ । ନାରୀମାନଙ୍କ ପ୍ରତି ଏହି ଅନ୍ୟାୟ-ଅତ୍ୟାଚାରର କାରଣ ସମାଜ । ସ୍ୱାର୍ଥପରାୟଣ ପୁରୁଷମାନେ ନିଜର ସୁବିଧା ଓ ସ୍ୱାର୍ଥସାଧନ ସକାଶେ ସରଳ, ନିଷ୍କପଟ ନାରୀମାନଙ୍କ ପ୍ରତି ଅନ୍ୟାୟ କରି ଏହି ଅବସ୍ଥା ସେମାନଙ୍କ ଉପରେ ଲଦି ଦେଇ ଅଛନ୍ତି ।

ଏହି ଯୁକ୍ତି ଯୋଗୁଁ ନାରୀମାନେ ଆକ୍ରୋଶରେ ଏହି ବିଧାନର ଠିକ୍ ବିପରୀତ ଆଚରଣ କରୁ ଅଛନ୍ତି । ନାରୀମାନେ ପ୍ରତି କ୍ଷେତ୍ରରେ, ଯଥା : ଶିକ୍ଷାବିଭାଗ, ସରକାରୀ ଶାସନବିଭାଗ, ରାଜନୀତି ଇତ୍ୟାଦିରେ ପୁରୁଷମାନଙ୍କ ସହିତ ପ୍ରତିଯୋଗିତାରେ ବେଶ୍ ଉନ୍ନତି କରୁଛନ୍ତି । ବୁଦ୍ଧିର ବିକାଶ ହେବାରୁ ସେମାନେ ସଂସାର କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ନାରୀମାନଙ୍କର ବୁଦ୍ଧିର ବିକାଶ ଏବଂ ଜାଗରଣର ଆବଶ୍ୟକତା ଥିଲା । ଏଥିରେ ଜଗତର ଭୌତିକ ଉନ୍ନତି ମଧ ହୋଇଅଛି । କିନ୍ତୁ ନାରୀମାନଙ୍କର ଧର୍ମଭାବ ହ୍ରାସ ହୋଇଥିବାରୁ ଭୌତିକ ଉନ୍ନତି ହେବା ସତ୍ତ୍ୱେ ମନୁଷ୍ୟକୁ ସୁଖ ଶାନ୍ତି ପ୍ରାପ୍ତ ହେଉ ନାହିଁ, ଦୁଃଖ-ଦୈନ୍ୟ ଦିନକୁ ଦିନ ବଢୁଛି । ସଂସାରରେ ଭୌତିକ ବିଜ୍ଞାନ ଆଶ୍ଚର୍ଯ୍ୟଜନକ ନୂତନ ବସ୍ତୁ ଆବିଷ୍କାର କରୁଅଛି, ବ୍ୟକ୍ତିକୁ ସୁଖ-ସୁବିଧା ଦେଇ ଆରାମରେ ରଖିବାକୁ ବହୁତ ପ୍ରକାର ପ୍ରଯତ୍ନ କରୁଅଛି, କିନ୍ତୁ ମନୁଷ୍ୟ ମଧରେ ଧର୍ମଭାବ, ନିଃସ୍ୱାର୍ଥତା, ସମତା ନ ଥିବାରୁ ଏହି ବୈଜ୍ଞାନିକ ଭୌତିକ ବସ୍ତୁରେ ମନୁଷ୍ୟ ସୁଖୀ ହୋଇପାରୁ ନାହିଁ । କ୍ରମଶଃ ଅଧିକାଧିକ ଦୁଃଖ, ଅଶାନ୍ତି, ଭୟ, ଅବିଶ୍ୱାସ, ଅସତ୍ୟ, ଅତ୍ୟାଚାର, ହିଂସା, ଦ୍ୱେଷ ବଢ଼ି ଚାଲିଛି । ବର୍ତ୍ତମାନ ମନୁଷ୍ୟକୁ ପୁରାତନ, ସୁଖମୟ ଜୀବନ ସ୍ୱପ୍ନବତ୍ ପ୍ରତୀତ ହେଉଅଛି ।

ପୂର୍ବେ ସଂସାରରେ ଯଦ୍ୟପି ବୁଦ୍ଧିର ଅଧିକ ବିକାଶ ହୋଇ ନ ଥିଲା, ତଥାପି ଥିଲା ମା'ମାନଙ୍କର ସ୍ୱାର୍ଥତ୍ୟାଗ । ମନୁଷ୍ୟ ସ୍ୱାର୍ଥତ୍ୟାଗ କଲେ ଯଥାର୍ଥରେ ଅନ୍ୟର ଏବଂ ସଂସାରର ହିତ ସାଧନ କରିପାରେ । ସ୍ୱାର୍ଥପରାୟଣ ବ୍ୟକ୍ତି ନିଜର ଏବଂ ଅନ୍ୟର ହିତ ସାଧନ କରିପାରେ ନାହିଁ । ଉପରେ ନାରୀମାନେ ପୁରୁଷମାନଙ୍କ ଉପରେ ଯେଉଁ ଅଭିଯୋଗ କରିଛନ୍ତି, ସେ ଅଭିଯୋଗ ଯୁକ୍ତିଯୁକ୍ତ ନୁହେଁ । ଧର୍ମ ଓ ଶାସ୍ତ୍ର ସମସ୍ତଙ୍କ ପାଇଁ ସମାନ । ସେମାନଙ୍କ ଉପରେ ଅନ୍ୟାୟ କରି ଧର୍ମଭାବ ଲଦି ଦିଆ ହୋଇ ନ ଥିଲା । ସେମାନେ ଥିଲେ ମା', ଆଦ୍ୟାଶକ୍ତିର ଅଂଶଭୂତା, ସନ୍ତାନବତ୍ସଳା । ମା'ର ହୃଦୟ କୋମଳ, ଦୟାରେ ପରିପୂର୍ଣ୍ଣ । ସେମାନେ ସନ୍ତାନ ତଥା ସମାଜର ହିତ ସକାଶେ ସ୍ୱେଚ୍ଛାରେ ନିଜର ସ୍ୱାର୍ଥତ୍ୟାଗ କରି ତପସ୍ୟାକୁ ବରଣ କରିଥିଲେ । ସଂସାରରେ ବୁଦ୍ଧିର ବିକାଶ, ବିଜ୍ଞାନର ଚମତ୍କାରିତା ନ ଥିବା ସମୟରେ ସେହିମାନଙ୍କ ତପସ୍ୟା ଏବଂ ସ୍ୱାର୍ଥତ୍ୟାଗ ଫଳରେ ସଂସାର ସୁଖରେ ଥିଲା । ସେମାନଙ୍କ ତପଃ ପ୍ରଭାବରୁ ସୁସନ୍ତାନ ଜନ୍ମ ଗ୍ରହଣ କରି ସମାଜରେ ନ୍ୟାୟ ପୂର୍ବକ ସେବା-କାର୍ଯ୍ୟ କରୁଥିଲେ । ସେମାନଙ୍କ ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ସ୍ୱାର୍ଥ ଆସିବାରୁ ତପଃ ଶକ୍ତି ହ୍ରାସ ହେଲା, ଫଳତଃ ସେମାନଙ୍କ ହୃଦୟରେ ଆବରଣ ଆସିଗଲା । ସେମାନଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ଯଥାର୍ଥ ପ୍ରେରଣା ଦେଇ ନ ଥିବାରୁ ସେମାନେ ଯୁକ୍ତି-ବୁଦ୍ଧିର ପ୍ରବାହରେ ଭାସି ଗଲେ । ସେମାନେ ଯେ ଦେବୀ, ଗୃହଲକ୍ଷ୍ମୀ, ମାତା – ଏକଥା ଭୁଲିଗଲେ । ସେମାନଙ୍କ ତପସ୍ୟା ହ୍ରାସ ହେବାରୁ ସଂସାରରେ ଦୁଃଖ-ଦ୍ୱନ୍ଦ୍ୱ ବୃଦ୍ଧି ହେଲା । ପୁନରାୟ ସେହିମାନଙ୍କ ତପଃଶକ୍ତିର ପ୍ରଭାବରେ ସଂସାର ସ୍ୱର୍ଗରେ ପରିଣତ ହେବ ।

## ନାରୀମାନେ କ'ଣ ପୂର୍ବ ଅବସ୍ଥାକୁ ଫେରିବେ ?

ସଂସାରର ଉନ୍ନତି ସକାଶେ ନାରୀମାନଙ୍କୁ ପୁନରାୟ ପୂର୍ବାବସ୍ଥାକୁ ଫେରି ଯିବାକୁ ହେବ ନାହିଁ, କିନ୍ତୁ ବର୍ତ୍ତମାନର ଅବସ୍ଥାକୁ ଅତିକ୍ରମ କରି ଉଚ୍ଚତର ଅବସ୍ଥାରେ ପହଞ୍ଚିବାକୁ ହେବ । ବୃକ୍ଷଟିଏ ବଡ଼ ହେଲା ପରେ ଯେପରି ତା'ର ପୂର୍ବାବସ୍ଥାକୁ ଫେରି ଛୋଟ ହୋଇପାରେ ନାହିଁ, ସେହିପରି କ୍ରମବିକାଶର ନିୟମ ଅନୁସାରେ ମନୁଷ୍ୟ ଅତୀତ ଅବସ୍ଥାକୁ ଫେରିଯାଇ

ପାରେ ନାହିଁ । ଏହା ପ୍ରକୃତିର ନିୟମବିରୋଧ, ଏହା ସମ୍ଭବ ବି ନୁହେଁ । କ୍ରମବିକାଶର ନିୟମାନୁସାରେ ପ୍ରକୃତି ମନୁଷ୍ୟକୁ ଯେଉଁସବୁ ପରିସ୍ଥିତି ମଧ ଦେଇ ଅଗ୍ରସର କରାଇ ଆଣି ଅଛି, ସେହିସବୁ ପରିସ୍ଥିତିର ଆବଶ୍ୟକତା ବି ଥିଲା । ନାରୀମାନଙ୍କର ପୂର୍ଣ୍ଣ ବିକାଶ ସକାଶେ ସଚ୍ଚରିତ୍ର, ପାତିବ୍ରତ୍ୟ ଯେପରି ଆବଶ୍ୟକ ସେହିପରି ବିଦ୍ୟାବୁଦ୍ଧିର ବିକାଶ, ସଂସାର କାର୍ଯ୍ୟରେ ପୁରୁଷମାନଙ୍କ ସହିତ ଅଂଶ ଗ୍ରହଣ ମଧ ଆବଶ୍ୟକ । କିନ୍ତୁ ନାରୀମାନଙ୍କର ଏକ ଗଭୀରତର ଭିତ୍ତି ନ ହେଲେ ପୁରୁଷମାନଙ୍କ ସହ ସବୁ କ୍ଷେତ୍ରରେ ଅଂଶ ଗ୍ରହଣ କରି ନିଜର ସ୍ୱଧର୍ମ ତଥା ଚାରିତ୍ରିକ ଗୌରବର ସୁରକ୍ଷା ଅବଶ୍ୟ କଷ୍ଟକର ହେବ । ଏହି ପରିସ୍ଥିତିରେ କେବଳ ଅଧ୍ୟାତ୍ମ ସତ୍ୟହିଁ ସେମାନଙ୍କୁ ସଂଯମରେ ରଖି ସତ୍ୟର ମାର୍ଗରେ ପରିଚାଳିତ କରିପାରେ । କିନ୍ତୁ ପ୍ରକୃତିର ନିୟମ ହେଲା, ବିକାଶ ସକାଶେ ଉଚ୍ଚତର ସତ୍ୟ ପ୍ରତିଷ୍ଠା କରିବାକୁ ହେଲେ ସେ ଦୁର୍ବଳ ଭିତ୍ତିକୁ ଭାଙ୍ଗିଦିଏ । ନାରୀମାନଙ୍କର ଦୃଢ଼ଭିତ୍ତିହୀନ ନୈତିକତା ଆଧାରିତ ଧର୍ମଭାବ ବିଦେଶୀ ଶିକ୍ଷା ଫଳରେ ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଭାଙ୍ଗିଗଲା । ଏଥିରେ କାହାର ଦୋଷ ନାହିଁ । ଏହା ତ କ୍ରମବିବର୍ତ୍ତନରେ ବିକାଶର ନିୟମ । ଇତିହାସକୁ ଦେଖିଲେ ସ୍ପଷ୍ଟ ବୁଝିପାରିବା ଯେ ପୂର୍ବରୁ କୌଣସି ଅବସ୍ଥାରେ ସ୍ଥାୟୀହୋଇ ମନୁଷ୍ୟ ରହିପାରି ନାହିଁ । ବିକାଶ ସକାଶେ ତାହାର ଯେଉଁ ଅବସ୍ଥା ଯେତେଦିନ ପର୍ଯ୍ୟନ୍ତ ଆବଶ୍ୟକ ତାହା ସେତେଦିନ ରହେ, ତାହାରି ଆବଶ୍ୟକତା ପୂର୍ଣ୍ଣ ହେଲେ ଘାତ-ପ୍ରତିଘାତ ଆସେ, ସେ ଅବସ୍ଥାକୁ ଭାଙ୍ଗିଦିଏ । କାରଣ ମନୁଷ୍ୟ ସ୍ୱଭାବର ଧର୍ମ ହେଲା : ସେ ଯେଉଁ ଅବସ୍ଥାରେ ରହେ, ତାହା ପ୍ରତିକୂଳ ହେଉ ବା ଅନୁକୂଳ ହେଉ ସେ ତାହା ଛାଡ଼ିବାକୁ ଚାହେଁ ନାହିଁ । ନାନା ପ୍ରକାର ରୋଗ, ଶୋକ, ଦୁଃଖ ଭୋଗକରେ, କିନ୍ତୁ ମରିବାକୁ ଚାହେଁ ନାହିଁ । ଭଗବାନଙ୍କ ବିଧାନରେ ପ୍ରକୃତି ମନୁଷ୍ୟକୁ ତା'ର ଲକ୍ଷ୍ୟ ଆଡ଼କୁ ନେଇ ଚାଲୁଅଛି; ସେଥିପାଇଁ ସେ ତାକୁ କୌଣସି ଅବସ୍ଥାରେ ସ୍ଥାୟୀ ରୂପେ ରହିବାକୁ ଦେଉ ନାହିଁ । ପୂର୍ବେ ଯେପରି ନାରୀମାନେ କୌଣସି ଅବସ୍ଥାରେ ସ୍ଥାୟୀ ରୂପେ ରହି ନାହାନ୍ତି, ସେହିପରି ଏହି ଉଚ୍ଛୃଙ୍ଖଳ ଅବସ୍ଥାରେ ମଧ ସ୍ଥାୟୀ ହୋଇ ରହିବେ ନାହିଁ । ନାରୀମାନେ ପୂର୍ବାବସ୍ଥାକୁ ଫେରି ନ ଯାଇ ଉଚ୍ଚତର ସତ୍ୟ ଆଡ଼କୁ ଗତି କରିବେ ।

ଏଇଠି ପ୍ରଶ୍ନ ଉଠିବ, ଯଦି ପ୍ରକୃତି କୌଣସି ଅବସ୍ଥାରେ ସ୍ଥାୟୀ ହୋଇ ରହିବାକୁ ଦିଏ ନାହିଁ, ଘାତ-ପ୍ରତିଘାତ ସୃଷ୍ଟି କରି ଆଗେଇ ନେଇଯାଏ, ତେବେ ମନୁଷ୍ୟର ପ୍ରଯତ୍ନ କରିବାର ଆବଶ୍ୟକତା କ'ଣ ?

ଏହାର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯେ ଯଦି ପ୍ରକୃତି ହାତରେ ମନୁଷ୍ୟର ବିକାଶକୁ ନିଃସହାୟରୂପେ ଛାଡ଼ିଦିଆ ହୁଏ, ତେବେ ସେ ଗୋଟିଏ ଅବସ୍ଥାରୁ ଅନ୍ୟ ଗୋଟିଏ ଅବସ୍ଥାକୁ ନେଇଯିବା ସମୟରେ ପୂର୍ବ ଅବସ୍ଥାକୁ ଏକେବାରେ ଧ୍ୱଂସ, ନଷ୍ଟଭ୍ରଷ୍ଟ କରି ନୂତନ ଅବସ୍ଥାକୁ ନେଇ ଯାଇପାରେ, ପୂର୍ବାବସ୍ଥାର ଚିହ୍ନବର୍ଣ୍ଣ ରହିବାକୁ ଦିଏ ନାହିଁ । ଏଥିରେ ମନୁଷ୍ୟକୁ ଅତ୍ୟନ୍ତ ଦୁଃଖ-ଯାତନା ଭୋଗିବାକୁ ପଡ଼େ ଆଉ ସମୟ ଅତି ଅଧିକ ଲାଗେ । ବୁଦ୍ଧିପ୍ରାପ୍ତ ମନୁଷ୍ୟକୁ ଅସହାୟ ରୂପେ ଗଛଲତା, ପଶୁପକ୍ଷୀ ସଦୃଶ ପ୍ରକୃତି ହାତରେ ଛାଡ଼ିଦେବା ଭଗବାନଙ୍କର ଅଭିପ୍ରାୟ ନୁହେଁ । ସେଇଥିପାଇଁ ଯେତେବେଳେ ମନୁଷ୍ୟର ଅବସ୍ଥା ପରିବର୍ତ୍ତନ ସମୟ ଆସେ, ସେତେବେଳେ ଭଗବାନ୍ ସ୍ୱୟଂ ଅବତାର ଗ୍ରହଣ କରନ୍ତି, ଅଥବା ନିଜର ବିଭୂତିସ୍ୱରୂପ ମହାପୁରୁଷମାନଙ୍କୁ ଏହି ସଂସାରକୁ ପଠାଇ ମାନବଜାତି ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖନ୍ତି, ଗୋଟିଏ ନୂତନ ମାର୍ଗ ନିର୍ମାଣ କରନ୍ତି : ସ୍ୱୟଂ ଆଚରଣ କରି ତାହାର ଉଦାହରଣ ମନୁଷ୍ୟ ପାଖରେ ଉପସ୍ଥାପନ କରନ୍ତି, ଯାହା ଆଚରଣ କରି ମନୁଷ୍ୟ ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଉନ୍ନତ ଅବସ୍ଥାରେ ପହଞ୍ଚିବା ସନ୍ଧିକ୍ଷଣରେ ଅଧିକ ଦୁଃଖକଷ୍ଟରେ ପୀଡ଼ିତ ନ ହୋଇ ସହଜରେ ପାର ହୋଇପାରେ । ଏହାହିଁ ଭଗବାନଙ୍କର ଅହେତୁକୀ କୃପା । ବର୍ତ୍ତମାନ ସନ୍ଧିକ୍ଷଣର ଶେଷ ଅବସ୍ଥା । ଏଥିରେ ନାରୀମାନଙ୍କର ପୂର୍ଣ୍ଣଭାବେ ଅଂଶଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ଯେଉଁସବୁ ପରିବର୍ତ୍ତନ ହୋଇଥିଲା, ସେଥିରେ ନାରୀମାନଙ୍କର ଅଧିକ ଆବଶ୍ୟକତା ନ ଥିଲା । ସେ ଅବସ୍ଥା ସବୁ ଥିଲା ସାଧାରଣ ପରିବର୍ତ୍ତନ । ବର୍ତ୍ତମାନ ମାନବରୁ ଦେବମାନବ ଅବସ୍ଥାକୁ ଯିବାର ସମୟ । ଭବିଷ୍ୟତ ଦେବମାନବଜାତିର ବିକାଶ ଯଦ୍ୟପି ବର୍ତ୍ତମାନର ପାଶବିକ ପ୍ରଣାଳୀରେ ହେବ ନାହିଁ, ତଥାପି ନାରୀ ବ୍ୟତୀତ କେବଳ ପୁରୁଷ ଦ୍ୱାରା ଜାତି ପ୍ରତିଷ୍ଠା ହୁଏ ନାହିଁ । ସେଥିପାଇଁ ଏହି କାର୍ଯ୍ୟରେ ପୁରୁଷମାନଙ୍କ ସହିତ ନାରୀମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

## ପାତିବ୍ରତ୍ୟ ଧର୍ମର ଆଦର୍ଶ : ସୀତା

ଅତୀତରେ ଯେତେବେଳେ ସାଧାରଣ ମନୁଷ୍ୟ ସମାଜରେ ଗାର୍ହସ୍ଥ୍ୟ ଧର୍ମର ପୂର୍ଣ୍ଣ ଆଦର୍ଶ ସ୍ଥାପିତ ହେଲା, ଭଗବାନ୍ ରାମ ପୁରୁଷମାନଙ୍କ ପ୍ରତିନିଧି ରୂପେ ଓ ଆଦ୍ୟାଶକ୍ତି ସୀତା ନାରୀମାନଙ୍କ ପ୍ରତିନିଧିରୂପେ ମନୁଷ୍ୟ-ଶରୀରରେ ଅବତାର ନେଲେ । ପାତିବ୍ରତ୍ୟ ଧର୍ମ କିପରି ପାଳନ କରିବାକୁ ହୁଏ, ସେହି ଧର୍ମ ପାଳନ ସକାଶେ କିପରି ବିପତ୍ତି ସହ୍ୟ କରି ଧର୍ମରକ୍ଷା କରିବାକୁ ହୁଏ, ପତି-ଆଜ୍ଞା ପାଳନ ସକାଶେ ପତିବ୍ରତା ପତ୍ନୀକୁ କିପରି ସ୍ୱାର୍ଥତ୍ୟାଗ କରିବାକୁ ହୁଏ, ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ଓ ଶକ୍ତି କ'ଣ, ବ୍ରତରେ ନିଷ୍ଠା କିପରି ରଖିବାକୁ ହୁଏ — ଏହିସବୁ ଜଗଜ୍ଜନନୀ ଆଦ୍ୟାଶକ୍ତି ସୀତା ନିଜ ଜୀବନରେ ଆଚରଣ କରି ଯେଉଁ ଆଦର୍ଶ ରଖିଗଲେ ତାହା ଆଜି ପର୍ଯ୍ୟନ୍ତ ନାରୀମାନଙ୍କୁ ଅନୁପ୍ରାଣିତ କରି ଆସୁଥିଲା । ସୀତା ଆଦ୍ୟାଶକ୍ତି ହେବା ସତ୍ତ୍ୱେ ବି ନାରୀମାନଙ୍କୁ ସମ୍ମାନିତ କରିବା ସକାଶେ, ସେମାନଙ୍କ ମହତ୍ତ୍ୱ, କୀର୍ତ୍ତି ଉଜ୍ଜ୍ୱଳ କରିବା ସକାଶେ, ସେମାନଙ୍କ ତପଃଶକ୍ତି ବିସ୍ତାର କରିବା ସକାଶେ ମହାନ୍ ଦୁଃଖ-ଯାତନା ସ୍ୱେଚ୍ଛାରେ ସ୍ୱୀକାର କରିଥିଲେ । ଏହି ଚରିତ୍ର ରାମାୟଣରେ ପଢ଼ିବା ସମୟରେ ବ୍ୟକ୍ତିର ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଜନକତନୟା, ଚକ୍ରବର୍ତ୍ତୀ ଦଶରଥ ମହାରାଜଙ୍କ ପୁତ୍ରବଧୂ, ସୃଷ୍ଟିକର୍ତ୍ତା ଭଗବାନ୍, ବୀରଶିରୋମଣି ଅଦ୍ୱିତୀୟ ଧନୁର୍ଦ୍ଧର ରାମଚନ୍ଦ୍ରଙ୍କ ପତ୍ନୀ, ଦିବ୍ୟଗୁଣସମ୍ପନ୍ନା ମା' ସୀତାଙ୍କ ସମ୍ମୁଖରେ ନିଷ୍ଠୁର କୈକେୟୀ ଯେତେବେଳେ ବଲ୍କଳ ବସନ ରଖିଦେଲେ, ବଶିଷ୍ଠଙ୍କ ପରି ଜ୍ଞାନୀ, ସମଦର୍ଶୀ ଋଷି କ୍ରୋଧକୁ ସ୍ୱୀକାର କରି କୈକେୟୀଙ୍କୁ ନାନା ପ୍ରକାର ଭର୍ତ୍ସନା ନ କରି ରହି ପାରିଲେ ନାହିଁ । କୋମଳାଙ୍ଗୀ ରାଜବଧୂ ସୀତା କଣ୍ଟକାକୀର୍ଣ୍ଣ ବନପଥରେ ପତିଙ୍କ ସହିତ ପଦଯାତ୍ରାରେ ଅସହ୍ୟ ଦୁଃଖକଷ୍ଟ ସ୍ୱୀକାର କଲେ, କିନ୍ତୁ ପତିଙ୍କ ସେବାରୁ ବଞ୍ଚିତ ହେଲେ ନାହିଁ । ଶେଷରେ ଦୁର୍ଦ୍ଦାନ୍ତ ରାକ୍ଷସ ରାବଣ ଦ୍ୱାରା ଲଙ୍କାରେ ବନ୍ଦିନୀ ହୋଇ ମଧ୍ୟ ନିର୍ଭୀକଭାବେ ନିଜର ପାତିବ୍ରତ୍ୟ ତପଃଶକ୍ତି ବଳରେ ରାବଣର ନାନା ପ୍ରକାର ପ୍ରଲୋଭନ ଓ ଭୟର ସମ୍ମୁଖୀନ ହୋଇ ମଧ୍ୟ ନିଜ ବ୍ରତ ଉଜ୍ଜ୍ୱଳ ରଖିଥିଲେ । ଏପରି କଠୋର ବ୍ରତ ପାଳନ କରିଥିବା ସତ୍ତ୍ୱେ ପତିଦେବଙ୍କ ପରୀକ୍ଷା-ମନୋଭାବ ଜାଣି ଦେବ, ଦାନବ, କପିସେନାଙ୍କ ସମ୍ମୁଖରେ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏପରି ନିଷ୍କଳଙ୍କ ଉଜ୍ଜ୍ୱଳ କୀର୍ତ୍ତି, ପତିବ୍ରତା ଶିରୋମଣି ଜଗଜ୍ଜନନୀ ମା' ସୀତାଙ୍କ ବ୍ରତନିଷ୍ଠା ନିଃସନ୍ଦିଗ୍ଧ ଭାବେ ରାମଚନ୍ଦ୍ର ଜାଣିଥିଲେ ମଧ୍ୟ ବିନା ଅପରାଧରେ ଜଣେ ରଜକର ସନ୍ଦେହ-ମୋଚନ ପାଇଁ ତାଙ୍କୁ ପରିତ୍ୟାଗ କଲେ । ଏପରି ବ୍ରତନିଷ୍ଠ କଠୋର ତପସ୍ୱିନୀଙ୍କୁ ମିଥ୍ୟା ଲାଞ୍ଛନାରେ ଗୁରୁତର ଦଣ୍ଡ ଦିଆଗଲା । ଏପରି କଠୋର ଦଣ୍ଡ ସାଧାରଣମାନଙ୍କ ପକ୍ଷେ ବରଦାସ୍ତ କରି ଧୈର୍ଯ୍ୟ ଧରି ରହିବା ସମ୍ଭବ ନ ଥିଲା । ପ୍ରକୃତ ଦୁଷ୍ଚରିତ୍ରା ସ୍ତ୍ରୀକୁ ଚରିତ୍ରହୀନା କହିଲେ ସେ ବରଦାସ୍ତ କରିପାରେ ନାହିଁ । ଏପରି ପତିପରାୟଣା ପରମା ସତୀଙ୍କ ସତୀତ୍ୱରେ ମିଥ୍ୟା କଳଙ୍କ ଆରୋପ କରି ପତି ଦ୍ୱାରା ପରିତ୍ୟକ୍ତା ହେବା କେତେଦୂର ଅସହ୍ୟ ବେଦନା, ଏହା କଳ୍ପନାର ଅତୀତ । ଏପରି ଅବସ୍ଥାରେ ମା' ସୀତା ପତିଙ୍କ ଦୁର୍ବ୍ୟବହାର ପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନ କରି ପତିଭକ୍ତି ପୂର୍ବବତ୍ ଅଥବା ପୂର୍ବାପେକ୍ଷା ଅଧିକ ଭାବରେ ଶେଷ ଜୀବନ ପର୍ଯ୍ୟନ୍ତ ପାଳନ କରିଥିଲେ । ସେହି ତପସ୍ୱିନୀ ମା' ସୀତାଙ୍କ ତପସ୍ୟା ପ୍ରଭାବରେ, ତାଙ୍କ ପାତିବ୍ରତ୍ୟ ଧର୍ମାଚରଣରୁ ମା'ମାନେ ନିଜ ଜୀବନରେ ପାତିବ୍ରତ୍ୟ ଆଚରଣ କରି ଜଗତ-ପୂଜନୀୟା ହୋଇଛନ୍ତି । ଭାରତର ପ୍ରତ୍ୟେକ ପ୍ରାନ୍ତରେ ବିଶେଷ କରି ରାଜପୁତାନା, ରାଜସ୍ଥାନରେ ପତିବ୍ରତା ମା'ମାନଙ୍କ କୀର୍ତ୍ତି ଏବଂ ତପଃଶକ୍ତି ସଂସାର ସମ୍ମୁଖରେ ଆଜି ପର୍ଯ୍ୟନ୍ତ ଉଜ୍ଜ୍ୱଳ ହୋଇ ରହିଅଛି ।

## ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ

ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣ ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ — ଏହି ମଧ୍ୟଯୁଗରେ ମାନବସମାଜର ଯେଉଁ ଅବସ୍ଥା ପରିବର୍ତ୍ତନ ବା ଅନ୍ୟ କଥାରେ ଧର୍ମଗ୍ଲାନି ହୋଇଥିଲା, ଧର୍ମର ଉତ୍ଥାନ ସକାଶେ ସେତେବେଳେ ସାମାନ୍ୟରୂପେ ସଂସାରର ପରିବର୍ତ୍ତନ ଆବଶ୍ୟକ ଥିଲା । ସେଥିସକାଶେ ଆଦ୍ୟାଶକ୍ତିଙ୍କୁ ମାତାରୂପେ ଅବତାର ନେଇ

ଯୋଗ-ପଥ-ପ୍ରଦର୍ଶନକାରିଣୀରୂପେ କାର୍ଯ୍ୟ କରିବାର ଆବଶ୍ୟକ ହୋଇ ନ ଥିଲା । ସେତେବେଳେ ବୁଦ୍ଧ, ଯିଶୁଖ୍ରୀଷ୍ଟ, ଆଚାର୍ଯ୍ୟ ଶଙ୍କର, ମହମ୍ମଦ, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଆଦି ଏହି ପୃଥିବୀକୁ ଆସି ସମୟୋଚିତ ଆଦର୍ଶ ମନୁଷ୍ୟ ସାମନାରେ ରଖି ଶିକ୍ଷା ପ୍ରଦାନ କରିଥିଲେ । ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ ଆସିଛି । ମନୁଷ୍ୟର ମନ, ପ୍ରାଣ, ଶରୀର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ । ମନୁଷ୍ୟ ଦେବତାରେ ଓ ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ପୃଥିବୀରେ ଦେବମାନବ ଜାତି ସ୍ଥାପିତ ହେବ । ଏହି ମହାନ୍ ରୂପାନ୍ତର କାର୍ଯ୍ୟରେ ପୁରୁଷମାନଙ୍କ ପରି ଅଥବା ତଦପେକ୍ଷା ଅଧିକ ଭାବେ ମା'ମାନଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ସୃଷ୍ଟିର ସର୍ଜନା ଓ ଉନ୍ନତି ମା'ମାନଙ୍କ ବିନା କେବେ ହୋଇପାରେ ନାହିଁ । ପୂର୍ବେ ଜଗଜ୍ଜନନୀ ମା' ସୀତାଙ୍କ ପାତିବ୍ରତ୍ୟ ଧର୍ମ ଦ୍ୱାରା ଆଦର୍ଶ ଗାର୍ହସ୍ଥ୍ୟ ଜୀବନର ଯେଉଁ ପାତିବ୍ରତ୍ୟ ଧର୍ମ ସ୍ଥାପନା ହୋଇଥିଲା, ସେତେବେଳେ ସେହି ସମୟର ବିକାଶ ସକାଶେ ତାହାର ଆବଶ୍ୟକତା ଥିଲା । ବର୍ତ୍ତମାନ ପୃଥିବୀରେ ଦିବ୍ୟ ମାନବ ଜାତି ସ୍ଥାପନ ସକାଶେ ଅଧ୍ୟାତ୍ମ-ସାଧନା ଆବଶ୍ୟକ । ଏହି କାର୍ଯ୍ୟ କରିବା ପାଇଁ ପୁରୁଷଙ୍କ ପ୍ରତିନିଧି ରୂପେ ଶ୍ରୀଅରବିନ୍ଦ ଓ ନାରୀମାନଙ୍କ ପ୍ରତିନିଧି ରୂପେ ଶ୍ରୀମା ଅବତାର ନେଇ ଏହି ପୃଥିବୀକୁ ଆସି ଅଛନ୍ତି । ନିଜର କଠୋର ତପସ୍ୟା, ସ୍ୱାର୍ଥତ୍ୟାଗ, ଅସାଧାରଣ ଦୁଃଖଦ୍ୱନ୍ଦ୍ୱକୁ ସ୍ୱୀକାର କରି ନିଜ ସାଧନାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଛନ୍ତି । ଯେଉଁମାନଙ୍କର ମନ, ପ୍ରାଣ, ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ, ସେମାନେ ରୋଗ, ଜରା, ମୃତ୍ୟୁର କବଳରୁ ମୁକ୍ତ ହେବେ; ବର୍ତ୍ତମାନର ମନୁଷ୍ୟ ସଦୃଶ ଅର୍ଦ୍ଧ-ପ୍ରକାଶିତ ମନ ଦ୍ୱାରା ପରିଚାଳିତ ହେବେ ନାହିଁ; ସେମାନଙ୍କର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ସେମାନଙ୍କ ମଧ୍ୟରେ ଭାଗବତ ସଂକଳ୍ପ କାର୍ଯ୍ୟକାରୀ ହେବ; ସେମାନେ ଭଗବତ ଶକ୍ତିର ଯନ୍ତ୍ର ହୋଇ ପୂର୍ଣ୍ଣରୂପେ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଏହିରୂପ ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦ ଅତିମାନବ ବା ଦିବ୍ୟମାନବ ନାମ ଦେଇ ଅଛନ୍ତି । ଏହି ବ୍ୟକ୍ତିମାନଙ୍କର ରୂପାନ୍ତର ସଙ୍ଗେ ସଙ୍ଗେ ପୃଥିବୀରୁ କ୍ରମଶଃ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଅନ୍ୟାୟ, ଅତ୍ୟାଚାର ଦୂର ହେଉଥିବ । ଅତିମାନବ ଜାତିର ପୂର୍ଣ୍ଣ ଅବସ୍ଥା ପ୍ରାପ୍ତ ହେଲେ ପୃଥିବୀରୁ ପୂର୍ଣ୍ଣରୂପେ ଅନ୍ୟାୟ ଦୂର ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ସକାଶେ ମା' ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ନିର୍ମାଣ କରି ପୁରୁଷ ଏବଂ ସ୍ତ୍ରୀମାନଙ୍କ ପାଇଁ ସମାନ ଅଧିକାରରେ ସ୍ୱତନ୍ତ୍ରତା ସହ ଯୋଗ-ସାଧନାର ବ୍ୟବସ୍ଥା କରି ଅଛନ୍ତି । ଏହି ଶିକ୍ଷା ସଂସାରରେ ଆଦର୍ଶ ହୋଇ ମନୁଷ୍ୟକୁ ପଥପ୍ରଦର୍ଶନ କରାଇ ପାରିବ ।

## ଭାରତର ଧର୍ମ-ଭିତ୍ତି : ନାରୀ

ସଂସାରର ନୂତନ ଦିବ୍ୟ ମାନବଜାତି ସ୍ଥାପନ କରିବାରେ ମା'ମାନଙ୍କ ପାତିବ୍ରତ୍ୟାଦି ଧର୍ମାଚରଣ କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କିନ୍ତୁ ଏହି ଧର୍ମର ଭିତ୍ତି ଦୃଢ଼ ହେବା ଉଚିତ, ଅନ୍ୟଥା ଦୁର୍ବଳ ଭିତ୍ତି ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ କଲା ସଦୃଶ ହେବ । ପୂର୍ବେ ମା'ମାନଙ୍କର ଯେଉଁ ଧର୍ମ-ଭିତ୍ତି ଥିଲା, ତାହା ଥିଲା ଦୁର୍ବଳ ନୈତିକତା । ନୈତିକ ବିଚାର, ଧର୍ମକୁ ଧାରଣ କରିବାରେ ଅସମର୍ଥ ଥିଲା ବୋଲି ମା'ମାନେ ସଂସାରର ଉନ୍ନତି କାର୍ଯ୍ୟରୁ ପୃଥକ୍ ହୋଇ ଗୃହ ଭିତରେ, ପରଦାର ଅନ୍ତରାଳରେ ରହି ନିଜ ଧର୍ମ ରକ୍ଷା କରୁଥିଲେ । କିନ୍ତୁ ସେମାନେ ସଂସାରର ଭୌତିକ ଉନ୍ନତି — ସରକାରୀ ବିଭାଗ, ଶିକ୍ଷା, ରାଜନୀତି ଇତ୍ୟାଦିରେ ଅଂଶଗ୍ରହଣ କରୁ ନ ଥିଲେ । ନାରୀମାନେ ସଂସାରରେ ଅର୍ଦ୍ଧ-ଶକ୍ତି । ଦେଶରେ ଅର୍ଦ୍ଧେକ ଶକ୍ତି କାର୍ଯ୍ୟକାରୀ ନ ହେବାରୁ ଭୌତିକ ଅବନତି ଘଟିଲା । ବର୍ତ୍ତମାନ ଏହି ବିକାଶୋନ୍ମୁଖୀ ଯୁଗରେ ଯଦି ନାରୀମାନେ ପୂର୍ବବତ୍ ଘରକୋଣରେ ପରଦାରେ ରହନ୍ତି, ତେବେ ଭାରତ ଅନ୍ୟାନ୍ୟ ପ୍ରଗତିଶୀଳ ଦେଶମାନଙ୍କ ସଙ୍ଗେ ଆଗେଇ ପାରିବ ନାହିଁ । ସେଥିସକାଶେ ପ୍ରକୃତିର ଚାପ ଓ ଅନ୍ୟାନ୍ୟ ଦେଶର ପ୍ରଭାବରେ ନାରୀମାନଙ୍କୁ ସଂସାରର କାର୍ଯ୍ୟରେ ଭାଗ ନେବାକୁ ହେଉଅଛି । କିନ୍ତୁ ଧର୍ମବିହୀନ ସାଂସାରିକ ଉନ୍ନତିରେ ମନୁଷ୍ୟକୁ

ସୁଖ-ଶାନ୍ତି ମିଳୁ ନାହିଁ, ବରଂ ଦ୍ୱନ୍ଦ୍ୱ, ହିଂସା, ଅନ୍ୟାୟ ଅଧିକ ବଢ଼ିଛି । ବର୍ତ୍ତମାନ ଭାରତର ଏହି ଅବସ୍ଥାକୁ ୟୁରୋପର ନକଲ କହିଲେ ଚଳେ । କିନ୍ତୁ ଏହା ଭାରତର ମୂଳଧର୍ମ ନୁହେଁ । ଭାରତର ମୂଳଧର୍ମ ହେଉଛି ଅଧ୍ୟାତ୍ମ ଧର୍ମ ଯାହାର ପ୍ରଭାବରୁ ବୈଦିକ ଯୁଗ, ରାମାୟଣ ଯୁଗ, ମହାଭାରତ ଯୁଗରୁ ଆଜି ପର୍ଯ୍ୟନ୍ତ ନିଜର ସଂସ୍କୃତିକୁ ଜୀବିତ ରଖି ସେ ବଞ୍ଚିଅଛି; ବିଧର୍ମୀମାନଙ୍କ ଆକ୍ରମଣ ପାଖରେ ଆତ୍ମ-ସମର୍ପଣ କରି ନାହିଁ । ଅନ୍ୟାନ୍ୟ ଦେଶର ଧର୍ମସବୁ ଜୁଆର ପରି ମାଡ଼ି ଆସେ, କିନ୍ତୁ କିଛି ସମୟ ପରେ ଛାଡ଼ି ଯାଏ । ଭାରତର ଧର୍ମ ଏପରି ନୁହେଁ । ଭାରତର ଧର୍ମ ହେଉଛି ଭାରତର ପ୍ରାଣ । ଭାରତ-ଧର୍ମର ନିବାସ ହେଉଛି ନାରୀମାନଙ୍କ ହୃଦୟରେ । ଏବେ ନାରୀମାନଙ୍କ ହୃଦୟକୁ ପବିତ୍ର ମନ୍ଦିର କରି ତୋଳିଲେ ସେଥିରେ ଧର୍ମ ଦେବତା ପ୍ରତିଷ୍ଠିତ ହେବେ ଏବଂ ସେମାନେ ନିଜର ଧର୍ମ-ଜ୍ୟୋତିଃରେ କେବଳ ଭାରତ ନୁହେଁ, ସମଗ୍ର ସଂସାରର ଅନ୍ଧକାର ଦୂର କରିଦେଇ ପାରିବେ । କିନ୍ତୁ ଏହା ହେବ କିପରି ?

## ନାରୀମାନଙ୍କୁ କ'ଣ କରିବାକୁ ହେବ ?

ଧର୍ମରେ ପ୍ରତିଷ୍ଠିତ ହେବା ସକାଶେ ନାରୀମାନଙ୍କୁ ଆସନ, ପ୍ରାଣାୟାମ, ଯମ, ନିୟମ, ସଂଯମ-ସାଧନା କରିବାକୁ ହେବ ନାହିଁ; ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ : ସ୍ନାନ, ଭୋଜନ, ରନ୍ଧନ, ପିଲାଙ୍କୁ ସ୍ନାନ, ଭୋଜନ କରାଇବା ଇତ୍ୟାଦି ଘରର ଯାବତୀୟ କାର୍ଯ୍ୟ ଜଗଦ୍ଧାତ୍ରୀ ଶ୍ରୀମାଙ୍କୁ ଅର୍ପଣ କରିବାକୁ ହେବ । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ମା'ଙ୍କୁ ସମର୍ପଣ କରିବା ଦ୍ୱାରା ଅତିମାନସ ଶକ୍ତି ସେମାନଙ୍କ ମଧ୍ୟରେ ସାଧନା କରିବ । ସ୍ୱାର୍ଥ, ହିଂସା, ଦ୍ୱେଷ, ବୈର, ବିରୋଧ ଇତ୍ୟାଦି ଦୁର୍ଗୁଣର ରୂପାନ୍ତର କରିବ; ଶାନ୍ତି, ସନ୍ତୋଷ, ଦୟା, ଆନନ୍ଦାଦି ଦିବ୍ୟଗୁଣ ସ୍ଥାପନ କରିବ । ତେବେ ସେମାନଙ୍କ ହୃଦୟ-ମନ୍ଦିରରେ ମାତୃ ଶକ୍ତି ପ୍ରତିଷ୍ଠିତ ହେବ । ଏହି ସମର୍ପଣ ଦ୍ୱାରା ଅନ୍ତରାତ୍ମା (Psychic being) ଜାଗ୍ରତ ହୋଇ ଯଥାର୍ଥ ମାର୍ଗରେ ବ୍ୟକ୍ତିଙ୍କୁ ପରିଚାଳନା କରିବ । ଅନ୍ତରାତ୍ମାର ନିର୍ଦ୍ଦେଶ ଓ ଅତିମାନସ ଶକ୍ତିର କ୍ରିୟା ହେଲେ ଅସତ୍ କର୍ମ ଆଚରଣ କରିବାକୁ ଅନ୍ଧକାର ଶକ୍ତି ପ୍ରେରଣା ଦେଇ ପାରିବେ ନାହିଁ । ତେବେ ଯାଇ ସେମାନେ ଯଥାର୍ଥ ଧର୍ମ ଆଚରଣ କରିବେ । ସେମାନଙ୍କର ଦୃଢ଼, ଅବିକମ୍ପିତ ଧର୍ମର ଭିତ୍ତି ପ୍ରତିଷ୍ଠିତ ହେବ ଅଧ୍ୟାତ୍ମ ସତ୍ୟ ଉପରେ । ସେହି ଅଧ୍ୟାତ୍ମ ଭିତ୍ତି ଉପରେ ପ୍ରତିଷ୍ଠିତ ଧର୍ମର ପ୍ରଭାବରେ ପରିବାର, ଗ୍ରାମ, ଦେଶ, ସଂସାର ହେବ ସୁଖମୟ ଏବଂ ଉନ୍ନତ । ଯେଉଁମାନେ ପୂର୍ଣ୍ଣରୂପେ ସାଧନା କରିବାକୁ ଚାହିଁବେ ସେମାନଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ହେବ, ଯେଉଁମାନେ ଗୃହରେ ପରିବାର ସହିତ ରହିବେ ସେମାନେ ଏକପାତିବ୍ରତ୍ୟ ଧର୍ମ ପାଳନ ପୂର୍ବକ ସାଧନା କରିପାରିବେ ।

ଏହି ସମର୍ପଣ କ୍ରିୟାତ୍ମକ ରୂପେ କରିବାକୁ ହେଲେ ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ । ତାଙ୍କୁ ଘରର ମାଲିକ ବୋଲି ଜାଣି ଛୋଟରୁ ବଡ଼ – ସ୍ନାନ, ଭୋଜନାଦି ସମସ୍ତ କର୍ମ ତାଙ୍କରି ସେବାରୂପେ କରନ୍ତୁ । ଭୋଜନ ଦ୍ରବ୍ୟାଦି ତାଙ୍କୁ ଅର୍ପଣ କରି ସେବନ କରନ୍ତୁ । କିଛି ସମୟ ମା'ଙ୍କ ଫଟୋକୁ ହୃଦୟରେ ଧ୍ୟାନ କରନ୍ତୁ ।

ପ୍ରତ୍ୟେକ ଗ୍ରାମରେ ମହିଳା-କେନ୍ଦ୍ର ସ୍ଥାପନ ହେବା ଉଚିତ । ଏଥିରେହିଁ ଗ୍ରାମର ଯଥାର୍ଥ ସୁଧାର ହେବ, ନିଜ ନିଜ ଚରିତ୍ର-ଗଠନ ସଙ୍ଗେ ସଙ୍ଗେ ବାଳକ-ବାଳିକାଙ୍କ ଉପରେ ଏବଂ ଘର ତଥା ଗ୍ରାମର ବ୍ୟକ୍ତିଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼ିବ । ବର୍ତ୍ତମାନ ଏହି ଛୋଟ ଆକାରରେ ଆଚରିତ ପ୍ରକ୍ରିୟା ସମସ୍ତ ସଂସାରରେ ଗୋଟାଏ ବଡ଼ ପରିବର୍ତ୍ତନ ଆଣିବ । ଏହା ନିଜ ପ୍ରଯତ୍ନରେ ହେବ ନାହିଁ, ହେବ ମା'ଙ୍କର ଅତିମାନସ ଶକ୍ତି ଦ୍ୱାରା । ନାରୀମାନଙ୍କର କର୍ତ୍ତବ୍ୟ ହେଉଛି କେବଳ ନିଜର ଆଧାର ତିଆରି କରି ସେହି ଶକ୍ତିକୁ କାର୍ଯ୍ୟ କରିବାକୁ ଦେବା ।

ଉପରଲିଖିତ ସମର୍ପଣ ଓ ଧ୍ୟାନ ଦ୍ୱାରା ଆଧାରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟାକରି ଭଗବାନଙ୍କୁ ସମସ୍ତ ସତ୍ତାରେ ପ୍ରକାଶ କରିବ । ମାନବ ହେବ ଅତିମାନବ, ଜଗତ ହେବ ସ୍ୱର୍ଗ । ଏହାହିଁ ପ୍ରତ୍ୟେକ ନରନାରୀର ଲକ୍ଷ୍ୟ । ଏହି ଲକ୍ଷ୍ୟର ସିଦ୍ଧି ସକାଶେ ସେମାନେ ଏହି ସଂସାରକୁ ଆସିଅଛନ୍ତି । ବର୍ତ୍ତମାନ ତାହାର ସମୟ ଆସିଛି । ଏହି ଲକ୍ଷ୍ୟସିଦ୍ଧି

କାର୍ଯ୍ୟରେ ମନୁଷ୍ୟଜାତିକୁ ସାହାଯ୍ୟ କରିବା ସକାଶେ ମା' ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସି ମନୁଷ୍ୟର ଅପୂର୍ଣ୍ଣତାକୁ ସ୍ୱୀକାର କରି ଆମ୍ଭମାନଙ୍କ ସଙ୍ଗରେ ରହି ସାଧନା କରୁଅଛନ୍ତି ଆମ୍ଭମାନଙ୍କୁ ଆମ୍ଭର ଲକ୍ଷ୍ୟ ଆଡ଼କୁ ନେଇଯିବା ସକାଶେ । ମନୁଷ୍ୟଜାତି ସମ୍ମୁଖରେ ଏହି ଗୋଟିଏ ଦିବ୍ୟ ମୁହୂର୍ତ୍ତ ଉପସ୍ଥିତ ହୋଇଅଛି । ପ୍ରତ୍ୟେକ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବା ଉଚିତ ।

ଆମ୍ଭେମାନେ ପୂର୍ବରୁ ବରାବର ଏହି ଏକହିଁ ଭୁଲ୍ କରିଚାଲିଛୁ । ଯେତେବେଳେ ଭଗବାନ୍ ରାମ, ଭଗବାନ୍ କୃଷ୍ଣ, ମା' ସୀତା, ମା' ରାଧା ଏବଂ ଆଚାର୍ଯ୍ୟ ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ, ବିବେକାନନ୍ଦ ଆଦି ମହାପୁରୁଷ ମନୁଷ୍ୟରୂପେ ଅବତାର ନିଅନ୍ତି, ମନୁଷ୍ୟଜାତିର କଲ୍ୟାଣ ସକାଶେ ନିଜେ ଅସାଧାରଣ ଦୁଃଖକଷ୍ଟକୁ ସ୍ୱୀକାର କରନ୍ତି ଏବଂ ଆମ୍ଭମାନଙ୍କ ସତ୍ୟମାର୍ଗରେ ଉନ୍ନତ ଅବସ୍ଥାରେ ପହଞ୍ଚାଇ ଦେବା ସକାଶେ ଆମ୍ଭମାନଙ୍କ ମଧ୍ୟରେ ପିତା, ମାତା, ସଖା ଓ ବନ୍ଧୁରୂପେ ଆବିର୍ଭୂତ ହୁଅନ୍ତି; ସେତେବେଳେ ଆମ୍ଭେମାନେ ତାଙ୍କୁ ଚିହ୍ନି ପାରୁ ନାହିଁ, ଅବହେଳା କରୁ, ନିନ୍ଦା କରୁ, ତାଙ୍କ ବିଷୟରେ ସମାଲୋଚନା କରୁ, ତାଙ୍କ ବିରୋଧରେ ପ୍ରଚାର କରୁ । ସେମାନେ ନିଜ ଆଚରିତ ଆଦର୍ଶ ପୃଥିବୀରେ ରଖି ନିଜ ପାର୍ଥିବ ଶରୀର ତ୍ୟାଗ କଲା ପରେ ଆମ୍ଭେମାନେ ପଶ୍ଚାତ୍ତାପ କରୁ, ତାଙ୍କ ଫଟୋ ଏବଂ ପଥରରେ ତାଙ୍କର ମୂର୍ତ୍ତି ତିଆରି କରି ମନ୍ଦିରରେ ରଖି ପୂଜା କରୁ ।

ଖ୍ରୀଷ୍ଟଙ୍କୁ କ୍ରୁଶ ବିଦ୍ଧ, ବୁଦ୍ଧଦେବଙ୍କୁ ବିଷ ଦିଆ ହୋଇଛି । ପଣ୍ଡିତମାନଙ୍କ ବିରୋଧ ଯୋଗୁଁ ଚୈତନ୍ୟଦେବଙ୍କୁ ନଦିଆ ଛାଡ଼ି ଆସିବାକୁ ପଡ଼ିଛି । ସମସ୍ତ ପଣ୍ଡିତ ମିଳି ଶଙ୍କରଙ୍କ ସତ୍ୟ ପ୍ରଚାରକୁ ବ୍ୟର୍ଥ କରିଦେବାକୁ ଚେଷ୍ଟା କରିଛନ୍ତି । ରାମାନୁଜଙ୍କ ଚକ୍ଷୁ ବାହାର କରିନେଇ ଅନ୍ଧ କରିଦେବାକୁ ପ୍ରଯତ୍ନ ହୋଇଛି । ବିବେକାନନ୍ଦ ୟୁରୋପ ଯିବାରୁ ଧାର୍ମିକସମାଜ ତାଙ୍କୁ ଗ୍ରହଣ କରିବାକୁ ଅସ୍ୱୀକାର କରିଛି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ସେ ସମୟରେ ଖୁବ୍ କମ୍ ଲୋକଙ୍କ ବ୍ୟତୀତ ଈଶ୍ୱରଙ୍କ ଅବତାର ବୋଲି କେହି ସ୍ୱୀକାର କରୁ ନ ଥିଲେ । ଜୀବିତାବସ୍ଥାରେ ତାଙ୍କୁ ହେଳା କରି ତାଙ୍କ ସାହାଯ୍ୟରୁ ବଞ୍ଚିତ ହୋଇ ପରେ ତାଙ୍କୁ ପୂଜା କରାହୋଇଛି । ଏଥର ଆମ୍ଭେମାନେ ଯଦି ସେହି ଭୁଲ୍ କରୁ, ତେବେ ପୂର୍ବେ ଯେପରି ବ୍ୟକ୍ତିମାନେ ପଶ୍ଚାତ୍ତାପ କରିଥିଲେ, ଆମ୍ଭେମାନେ ମଧ୍ୟ ସେହିପରି ଅଥବା ତାହା ଅପେକ୍ଷା ଅଧିକ ପଶ୍ଚାତ୍ତାପ କରିବା । ସଂସାର ସକାଶେ ମା' ଶ୍ରୀଅରବିନ୍ଦ ସଂସାରର ସମସ୍ତ ଦୁଃଖ-କଷ୍ଟ ନିଜ ଉପରେ ନେଇ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଆଣିଅଛନ୍ତି ଯାହାଦ୍ୱାରା ଆମ୍ଭମାନଙ୍କର କଲ୍ୟାଣ ହେବ ଏବଂ ଆମ୍ଭେମାନେ ସୁଖ-ଶାନ୍ତିରେ ରହିପାରିବୁ । ଆମ୍ଭମାନଙ୍କ ସୁଖ-ସୁବିଧା ସକାଶେ ସେ ଏତେ କରୁ ଅଛନ୍ତି । କିନ୍ତୁ ଆମ୍ଭେମାନେ ନିଜ ସକାଶେ କିଛି କରିବାକୁ ଚାହୁଁ ନାହିଁ । ଏପରି କଲେ ଚଳିବ ନାହିଁ । ଦୁଃଖ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ପରମାନନ୍ଦଙ୍କୁ ପ୍ରାପ୍ତ କରିବା ସକାଶେ ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ ନିଜ ନିଜ ଆଧାର ତିଆରି କରିବାକୁ ହେବ ।

# ଦିବ୍ୟ-ଯୁଗ ସ୍ଥାପନାରେ ନାରୀ

## ଦ୍ୱିତୀୟ ଭାଗ

## ବାଳିକାମାନଙ୍କ ଜୀବନର ପୂର୍ଣ୍ଣତା ଲାଭର ଉପାୟ


ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ

*

ବାଳିକାମାନଙ୍କ ସ୍ୱଭାବ

*

ସମୟୋପଯୋଗୀ କର୍ତ୍ତବ୍ୟ

*

ବ୍ୟାୟାମର ଆବଶ୍ୟକତା

*

ବାଳିକାମାନଙ୍କର ବ୍ୟାୟାମର ନିୟମାବଳୀ

*

ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା

*

ପ୍ରଶ୍ନୋତ୍ତର

*

ବାଳିକାମାନଙ୍କର ଦୈନିକ କର୍ମ

*

ବ୍ରହ୍ମଚର୍ଯ୍ୟ

*

ଆବଶ୍ୟକ ନିୟମ

# ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାଲାଭର ଉପାୟ

## ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ

ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାଲାଭର ଉପାୟ ହେଲା – ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ । ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାପ୍ରାପ୍ତ ହୁଏ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । ଏଥିରେହିଁ ହୁଏ ସଂସାରରେ ସୁଖ-ଶାନ୍ତିର ସ୍ଥାପନା । ଭବିଷ୍ୟତରେ ବାଳିକାମାନେହିଁ ହୁଅନ୍ତି ଗୃହ-ସଞ୍ଚାଳିକା, ଗୃହକର୍ତ୍ତ୍ରୀ, ଗୃହଲକ୍ଷ୍ମୀ, ମା' । ସେମାନଙ୍କ ସଦ୍‌ଗୁଣ ଓ ଦୁର୍ଗୁଣର ପ୍ରଭାବ ପଡ଼େ ସମସ୍ତ ପରିବାର ଉପରେ । ସେମାନେ ଜଗତର ଅର୍ଦ୍ଧଶକ୍ତି କିନ୍ତୁ ଶିଶୁର ଜୀବନ ଗଠନର ଦାୟିତ୍ୱ ସେମାନଙ୍କ ଉପରେ । ଶିଶୁମାନେହିଁ ଭବିଷ୍ୟତରେ ସଂସାରରେ କାର୍ଯ୍ୟ କରନ୍ତି । ସେହି ସକାଶେ ସଂସାର ସୁଧାରିବାର ଭାର ପୁରୁଷମାନଙ୍କଠାରୁ ବହୁ ପରିମାଣରେ ନାରୀମାନଙ୍କ ଉପରେ ନ୍ୟସ୍ତ । ବାଲ୍ୟାବସ୍ଥାରୁ ବାଳିକାମାନେ ସ୍ୱାସ୍ଥ୍ୟର ଉନ୍ନତି, କାର୍ଯ୍ୟରେ ତତ୍ପର, ଶିକ୍ଷାରେ ସାବଧାନ, ବ୍ରହ୍ମଚର୍ଯ୍ୟ ପାଳନରେ ବିଶେଷ ରୂପେ ସଚେତ ଓ ସଜାଗ ରହିବା ଉଚିତ ।

## ବାଳିକାମାନଙ୍କ ସ୍ୱଭାବ

ବାଳିକାମାନଙ୍କର ଶରୀର, ବଚନ, ବ୍ୟବହାର, ହୃଦୟ, ସ୍ୱଭାବ ଅଧିକ କୋମଳ, ନମନୀୟ, ଉଦାର, ସରଳ ଓ ନିଷ୍କପଟ । ସେହି ସକାଶେ ସେମାନଙ୍କ ପ୍ରବୃତ୍ତି ସହଜରେ ଭଲ ଆଡ଼କୁ ଯେପରି ପ୍ରଧାବିତ ହୁଏ, ଖରାପ ଆଡ଼କୁ ମଧ୍ୟ ସେହିପରି ହୁଏ । ସେମାନେ ଉତ୍ତମ ସମ୍ପର୍କରେ ପତିପରାୟଣା, ପତିବ୍ରତା – ସତୀ ଶିରୋମଣି ସୀତା, ଭଗବାନ୍ ରାମଙ୍କ ମାତା କୌଶଲ୍ୟା ଓ ଭଗବାନ୍ ଶ୍ରୀକୃଷ୍ଣଙ୍କ ମାତା ଯଶୋଦାଙ୍କ ସଦୃଶ ହୋଇପାରନ୍ତି ଅଥବା ମନ୍ଦ ସମ୍ପର୍କରେ କୈକେୟୀଙ୍କ ସଦୃଶ ଭୀଷଣ, ଭୟାନକ, ଉଗ୍ର ରୂପ ଧାରଣ କରି ପତିର ମୃତ୍ୟୁ, ପୁତ୍ରର ଦୁଃଖ-ଦ୍ୱନ୍ଦ୍ୱର କାରଣ ହୋଇପାରନ୍ତି । ସେମାନଙ୍କ ହୃଦୟ କୁସୁମଠାରୁ ଯେପରି କୋମଳ, ପାଷାଣଠାରୁ ମଧ୍ୟ ସେହିପରି କଠୋର । ସ୍ତ୍ରୀମାନେ ଶକ୍ତିସମ୍ପନ୍ନା । ସେମାନେ ଖରାପ କାର୍ଯ୍ୟରେ ହେଉ ବା ଭଲ କାର୍ଯ୍ୟରେ ହେଉ, ଯେଉଁ କାର୍ଯ୍ୟରେ ତତ୍ପର ହୁଅନ୍ତି, ତାହା ପୂର୍ଣ୍ଣ କରିହିଁ ଶାନ୍ତ ହୁଅନ୍ତି ।

ସଂସାର ସର୍ଜନାଠାରୁ ଆଜିପର୍ଯ୍ୟନ୍ତ ନାରୀମାନେ ନିଜ ସୁପ୍ତ ଶକ୍ତି ବିକାଶ ସମ୍ପର୍କରେ ସଚେତ ହୋଇ ନାହାନ୍ତି କିଂବା ସଂସାର-ଉନ୍ନତି କାର୍ଯ୍ୟରେ ପୂର୍ଣ୍ଣଭାବେ ଅଂଶ ଗ୍ରହଣ କରି ନାହାନ୍ତି । ସେମାନଙ୍କ ସ୍ୱଭାବ ହେଉଛି ଧର୍ମପ୍ରବଣତା । ସେମାନଙ୍କର ଧର୍ମହିଁ ପ୍ରାଣ । ସେମାନେ ଧର୍ମରକ୍ଷା କରିବା ସକାଶେ ସୁଖ, ଭୋଗ, ବିଳାସ, ଆରାମ, ସ୍ୱାର୍ଥ, ମାନ, ପ୍ରତିଷ୍ଠା ତ୍ୟାଗ କରନ୍ତି । ଏପରିକି ପ୍ରାଣ ଦେଇ ଧର୍ମରକ୍ଷା କରନ୍ତି । ପିତାମାନେ ପୁତ୍ର ଅପେକ୍ଷା କନ୍ୟାଠାରୁ ଅଧିକ ଧର୍ମ ଆଶା କରନ୍ତି; ପୁତ୍ରମାନେ ପିତା ଅପେକ୍ଷା ମାତା ଉପରେ ଧର୍ମ ନିମିତ୍ତ ଅଧିକ ନିର୍ଭର କରନ୍ତି । ପୁତ୍ର ଧର୍ମଭ୍ରଷ୍ଟ ହେଲେ ପିତାର ଅଧିକ କଷ୍ଟ ହୁଏ ନାହିଁ, କିନ୍ତୁ କନ୍ୟା ଧର୍ମଭ୍ରଷ୍ଟା ହେଲେ ପିତାର ପ୍ରାଣାନ୍ତକ ଦୁଃଖ ହୁଏ । ପୁତ୍ର ପିତାର ଅଧର୍ମ ଆଚରଣକୁ ଗ୍ରାହ୍ୟ କରେ ନାହିଁ, କିନ୍ତୁ ମାତାର ପତନରେ ପ୍ରାଣତ୍ୟାଗ କରେ । ଧର୍ମର ନିବାସସ୍ଥଳ ନାରୀମାନଙ୍କ ହୃଦୟ । ସେହି କାରଣରୁ ଶାସ୍ତ୍ର ସେମାନଙ୍କୁ ଧର୍ମଭୀରୁ ଅର୍ଥାତ୍ ଧର୍ମପରାୟଣା ବୋଲି ଘୋଷଣା କରିଅଛି । ସେମାନେ ନିଜ ଧର୍ମରକ୍ଷା କରିବା ଉଦ୍ଦେଶ୍ୟରେ ସମସ୍ତ ସ୍ୱାର୍ଥତ୍ୟାଗ କରି ଗୃହକୋଣରେ ରହି ଗୃହ-ପରିଚାଳନା କାର୍ଯ୍ୟ କରି ଆସୁଅଛନ୍ତି । ସେହି କାରଣରୁ ସେମାନଙ୍କର ବିକାଶ ହୋଇ ନାହିଁ କିଂବା ସଂସାରର ଉନ୍ନତି ସାଧନ ଆଶାନୁରୂପ ହୋଇପାରୁ ନାହିଁ । ନାରୀମାନଙ୍କର ଏହି ସ୍ୱାର୍ଥତ୍ୟାଗର ଦୁରୁପଯୋଗ ପୁରୁଷମାନେ ଅଧିକାଂଶ ସ୍ଥଳରେ କରି ଅଛନ୍ତି । ସେମାନଙ୍କ ସ୍ୱାଧୀନତା ଅପହରଣ କରି ସେମାନଙ୍କୁ ଅଧୀନସ୍ଥ କରି ରଖି ଅଛନ୍ତି ।

ନାରୀମାନେ ନିଜଶକ୍ତିକୁ ବିକାଶ ନ କରି କେବଳ ମାତ୍ର ଘରକୋଣରେ ବସି ରୋଷାଇ କରି ପିଲାଙ୍କୁ ଖେଳାନ୍ତୁ, ପୁରୁଷମାନଙ୍କର ଅନୁଚିତ ଆଜ୍ଞାନୁବର୍ତ୍ତୀ ହୋଇ ରହନ୍ତୁ, ତାହା ଭଗବାନଙ୍କର ବିଧାନ ନୁହେଁ । ଏହାର ପ୍ରତିକ୍ରିୟା ଏବଂ କ୍ରମବିକାଶ-ପରିସ୍ଥିତି ନାରୀମାନଙ୍କ ଧାର୍ମିକ ମନୋଭାବ ଉପରେ କୁଠାରାଘାତ କରିଅଛି । ସେମାନେ ନିଜର କର୍ତ୍ତବ୍ୟ, ନିଜର ଦାୟିତ୍ୱ, ଧର୍ମଭାବ ଭୁଲି ସ୍ୱାର୍ଥ ଆଉ ଭୋଗଲିପ୍‌ସା ପୂର୍ଣ୍ଣ କରିବା ପାଇଁ ପୁରୁଷଙ୍କ ସଙ୍ଗେ ପ୍ରତିଯୋଗିତା କରିବାକୁ କଟିବଦ୍ଧ ହୋଇ ସଂସାର ସାମନାରେ ଉପସ୍ଥିତ ହୋଇ ଅଛନ୍ତି । ସେମାନଙ୍କ ଧର୍ମଚ୍ୟୁତି ଯୋଗୁଁ, ସଂସାର ଅନ୍ୟାୟ, ଅସତ୍ୟର କବଳରେ ପଡ଼ି ଯାଇଛି । ମନୁଷ୍ୟ ଭୌତିକ ବସ୍ତୁ ଦ୍ୱାରା ସୁଖ-ଶାନ୍ତିରେ ରହିବାକୁ ଯେତେ ଚେଷ୍ଟା କରୁଛି, ତାହାର ବିପରୀତ ଅଧିକାଧିକ ଦୁଃଖ, ଅଶାନ୍ତି ଭୋଗୁଅଛି । ଯଦ୍ୟପି ସଂସାରର ଉନ୍ନତି ଏବଂ ସଂସାରରେ ସୁଖ-ଶାନ୍ତି ସ୍ଥାପନା ହେବାରେ ଭୌତିକ ବସ୍ତୁ ଆବଶ୍ୟକ, ତଥାପି ଏହାର ଭିତ୍ତି ସତ୍ୟ ଓ ନ୍ୟାୟ ହେବା ଅନିବାର୍ଯ୍ୟ । ଏହି ଭିତ୍ତି ଛଡ଼ା କେବଳ ଭୌତିକ ବସ୍ତୁ ଦ୍ୱାରା ସଂସାରରେ ସୁଖ-ଶାନ୍ତି ସ୍ଥାପନା ଏକେବାରେ ଅସମ୍ଭବ । ଏହାର ସାକ୍ଷାତ୍ ପ୍ରମାଣ ୟୁରୋପ, ଆମେରିକା, ରୁଷିଆ । ସଂସାରର ସମସ୍ତ କର୍ମ ନ୍ୟାୟ ଓ ସତ୍ୟ ଉପରେ ତେବେ ପ୍ରତିଷ୍ଠିତ ହୋଇପାରିବ ଯେବେ ନାରୀମାନଙ୍କ ହୃଦୟରେ ନ୍ୟାୟ, ସତ୍ୟ ନିବାସ କରିବ ଏବଂ ସେମାନେ ଏହାରି ଆଧାରରେ ଜାଗତିକ କର୍ମରେ ପୂର୍ଣ୍ଣଭାବେ ଅଂଶଗ୍ରହଣ କରିବେ ।

## ସମୟୋପଯୋଗୀ କର୍ତ୍ତବ୍ୟ

ବର୍ତ୍ତମାନ ସତ୍ୟ, ନ୍ୟାୟ ପ୍ରତିଷ୍ଠିତ ନୂତନ ଯୁଗର ସମୟ ଆସିଛି । ଏହି ନୂତନ ଯୁଗର ପ୍ରତିଷ୍ଠା କାର୍ଯ୍ୟରେ ପୁରୁଷ ଓ ନାରୀମାନଙ୍କୁ ସମାନ ଭାବରେ ଅଂଶଗ୍ରହଣ କରିବାକୁ ହେବ । ନାରୀ କେବଳ ପିଲାମାନଙ୍କୁ ଖେଳାଇବାକୁ କବାଟ କୋଣରେ ରହିଲେ କିଂବା ଧର୍ମକୁ ତ୍ୟାଗ କରି ସ୍ୱେଚ୍ଛାଚାରିଣୀ ହୋଇ ସମାଜରେ ପୁରୁଷମାନଙ୍କ ସଙ୍ଗରେ ଅଧିକାର ସକାଶେ ପ୍ରତିଯୋଗିତା କଲେ ଚଳିବ ନାହିଁ । ସେମାନଙ୍କୁ ଅଧ୍ୟାତ୍ମ ସତ୍ୟର ଆଶ୍ରୟରେ ଶରୀରକୁ ପୁଷ୍ଟ, ବଳବାନ୍, ନୀରୋଗ ରଖିବା ସକାଶେ ନିୟମିତ ବ୍ୟାୟାମ କରିବାକୁ ହେବ । ଭୌତିକ ଓ ଆଧ୍ୟାତ୍ମିକ ବିଦ୍ୟାଶିକ୍ଷା ଦ୍ୱାରା ହୃଦୟ-ମନ୍ଦିର ସ୍ୱଚ୍ଛ, ପବିତ୍ର, ଶୁଦ୍ଧ କରି ସେଥିରେ ଧର୍ମ, ନ୍ୟାୟ, ଆନନ୍ଦ, ଶକ୍ତି, ଶାନ୍ତି, ସତ୍ୟକୁ ସ୍ଥାପନା କରିବାକୁ ହେବ ଏବଂ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ଅଥବା ପତିବ୍ରତା ଧର୍ମରେ ନିଷ୍ଠାବତୀ ହୋଇ ପୁରୁଷମାନଙ୍କ ସଙ୍ଗେ ପିତା, ଭ୍ରାତା, ପୁତ୍ର ଭାବ ରଖି ସଂସାରର କାର୍ଯ୍ୟ କରିବାକୁ ହେବ । ତେବେ ନାରୀମାନେ ହେବେ ଜଗତ୍‌ଜନନୀ ଆଦ୍ୟାଶକ୍ତିସ୍ୱରୂପା ମା' — ସଂସାର ହେବ ସ୍ୱର୍ଗ ।

## ବ୍ୟାୟାମର ଆବଶ୍ୟକତା

ବାଳକମାନଙ୍କ ଅପେକ୍ଷା ବାଳିକାମାନଙ୍କ ଶରୀର ସ୍ୱାଭାବିକ କୋମଳ ଓ ଶାରୀରିକ ବଳ କମ୍ । ଏହା ହେଉଛି କେବଳ ପୂର୍ବ ସଂସ୍କାରରୁ । 'ସ୍ତ୍ରୀ ଦୁର୍ବଳା' — ଏହି ସଂସ୍କାର ସେମାନଙ୍କ ଚେତନା ସଙ୍ଗେ ଏକ ହୋଇଯାଇଛି । ଯେଉଁ ବନବାସିନୀ ବାଳିକାମାନେ ବାଲ୍ୟକାଳରୁ ପରିଶ୍ରମ କରୁଅଛନ୍ତି କିଂବା ସହରରେ ରହି ନିୟମିତ ବ୍ୟାୟାମ କରୁଅଛନ୍ତି ସେମାନଙ୍କ ଶାରୀରିକ ବଳ ବାଳକମାନଙ୍କ ଅପେକ୍ଷା କମ୍ ନୁହେଁ । ଆଶ୍ରମରେ ସଂଖ୍ୟା ବହୁତ ଅଧିକ ନ ହେଲେ ମଧ୍ୟ ଅଳ୍ପ କେତେଜଣ ଝିଅ ଶାରୀରିକ ବ୍ୟାୟାମ ପ୍ରତିଯୋଗିତାରେ କେତେକ ପିଲାଙ୍କୁ ପରାସ୍ତ କରି ଦିଅନ୍ତି । ବ୍ୟାୟାମ ଦ୍ୱାରା ଶରୀର ବିକଶିତ ହୁଏ, ବଳ ବୃଦ୍ଧି ହୁଏ, ଅସଳଖ ଅଙ୍ଗ ପ୍ରତ୍ୟଙ୍ଗ ସିଧା ଓ ସଳଖ ହୁଏ, ଯୋଡ଼ା ଗ୍ରନ୍ଥିମାନ ପୁଷ୍ଟ ହୁଏ । ଅସମୟରେ ବାର୍ଦ୍ଧକ୍ୟ ଆସେ ନାହିଁ । କୈଶୋର କାଳରୁ ଚଷମା ବ୍ୟବହାର କରିବାକୁ ପଡ଼େ ନାହିଁ । ଝିଅମାନେ ବହୁ ପ୍ରକାର ରୋଗର ଆକ୍ରମଣରୁ ବିଶେଷତଃ ଉଦରାମୟ ରୋଗରୁ ମୁକ୍ତ ହୁଅନ୍ତି । ସେମାନଙ୍କର ପ୍ରସବ-ବେଦନା କମ୍

ହୁଏ । ଶରୀର ବଳଶାଳୀ ହେଲେ ସ୍ନାୟବିକ ଦୃଢ଼ତା ପ୍ରାପ୍ତ ହୁଏ । ଫଳରେ ସେମାନେ ପ୍ରତି କଥାରେ ଚିଡ଼ି କଜିଆ କରନ୍ତି ନାହିଁ; ଘରେ ପରସ୍ପର ମଧ୍ୟରେ ଝଗଡ଼ା କରି ପୃଥକ୍ ହୋଇ ଦରିଦ୍ର ହୁଅନ୍ତି ନାହିଁ । ଏହା ହୁଏ ଅଧ୍ୟାତ୍ମ ଭିତ୍ତିରେ ବାଳିକାମାନେ ବ୍ୟାୟାମ କରିବା ଦ୍ୱାରା । କର୍ତ୍ତୃପକ୍ଷମାନେ ପ୍ରତ୍ୟେକ ବାଳିକା ସ୍କୁଲ, ମହିଳା କଲେଜରେ ବ୍ୟାୟାମଶାଳା ସ୍ଥାପନ କରିବା ଉଚିତ । ଯେଉଁଠାରେ ବ୍ୟାୟାମଶାଳା ନାହିଁ, ସେଠାରେ ପ୍ରତ୍ୟେକ ବାଳିକା ନିଜ ନିଜ ଘରେ ନିୟମିତ ରୂପେ ବ୍ୟାୟାମ କରିବା ଉଚିତ । ବ୍ୟାୟାମ ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଲାଭ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଉଥିବା ଅର୍ଥ ଓ ରୋଗଶଯ୍ୟାରେ ଶୋଉଥିବା ସମୟ ସୁରକ୍ଷିତ ହୋଇ ରହିବ । ପରବର୍ତ୍ତୀ ପରିଚ୍ଛେଦରେ ବ୍ୟାୟାମର ନିୟମାବଳୀ ଦିଆଗଲା ।

## ବାଳିକାମାନଙ୍କର ବ୍ୟାୟାମର ନିୟମାବଳୀ

୧. ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ କରିବା ସକାଶେ ଉତ୍ତମ ସ୍ୱାସ୍ଥ୍ୟ, ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷା ଏବଂ ନୈଷ୍ଠିକ ପାତିବ୍ରତ୍ୟ ଧର୍ମ ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । ଏହାହିଁ ବାଳିକାମାନଙ୍କର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବାର ଉପାୟ ବ୍ୟାୟାମ, ଶିକ୍ଷା, ବ୍ରହ୍ମଚର୍ଯ୍ୟ ଓ ଆବଶ୍ୟକ ଉଚିତ କର୍ମ ।

୨. ଯେଉଁ ବାଳିକାମାନେ କୌଣସି ବ୍ୟାୟାମ-ସଂସ୍ଥାର ନିର୍ଦ୍ଦେଶ ଅନୁସାରେ ବ୍ୟାୟାମ କରନ୍ତି ସେମାନେ ସେହି ନିର୍ଦ୍ଦେଶରେ କରିବେ । ଯେଉଁମାନଙ୍କର ସେ ସୁବିଧା ନାହିଁ, ସେମାନେ ପ୍ରତ୍ୟେକ ଗ୍ରାମ ଅଥବା ସହରର କୌଣସି ସ୍ଥାନରେ ଗୋଟିଏ ବାଳିକା ବ୍ୟାୟାମଶାଳା ନିର୍ମାଣ କରିବେ । ଯଦି ଏହାର ସୁବିଧା ନ ହୁଏ, ତେବେ ବାଳିକାମାନେ ନିଜ ଘରେ ନିମ୍ନଲିଖିତ ନିୟମରେ ବ୍ୟାୟାମ କରିବେ ।

୩. ଏଗାର ବର୍ଷରୁ କମ୍ ବୟସ୍କ ବାଳିକାମାନେ ପରସ୍ପର ଖେଳ ମଧ୍ୟଦେଇ ଦୌଡ଼ାଦୌଡ଼ି କରିବେ । ୧୧ରୁ ୧୫ ବର୍ଷ ପର୍ଯ୍ୟନ୍ତ ବୟସର ବାଳିକାମାନେ ୯ଟା ବା ୧୦ଟା ରାତ୍ରିରେ ଶୋଇ ୫ଟା କିଂବା ୬ଟା ସମୟରେ ଶଯ୍ୟାତ୍ୟାଗ କରିବେ, ମଳତ୍ୟାଗ କରି ଦନ୍ତମୁଖ ଧୋଇବେ । ଅଭ୍ୟାସ ଥିଲେ ସ୍ନାନ କରିବେ ଅଥବା ସ୍ନାନ କରିବା ପୂର୍ବରୁ ବ୍ୟାୟାମ ଆରମ୍ଭ କରିବେ । ହାଫ୍‌ପ୍ୟାଣ୍ଟ ଓ ହାଫ୍‌ଶାର୍ଟ ପିନ୍ଧିକରି ବ୍ୟାୟାମ କରିବାରେ ସୁବିଧା ହୁଏ ।

**ବୈଠକ :** ଦୁଇ ପାଦ ସମାନଭାବେ ଯୋଡ଼ି ସିଧା ସଳଖ ଭାବେ ଛିଡ଼ା ହୁଅ । ନଇଁ ନ ପଡ଼ି ହାତ ସିଧା ସିଧା ରଖି ବସିପଡ଼ ଏବଂ ବସିବା ସଙ୍ଗେ ସଙ୍ଗେ ସିଧା ସଳଖ ଭାବେ ଛିଡ଼ା ହୁଅ । ଥରେ ବସି ଉଠିବାର ସଂଖ୍ୟା ହେଲା ଏକ । ଆରମ୍ଭରେ ଏହିପରି ୫ଥର କର । ପ୍ରତି ସପ୍ତାହରେ ଏକ ଏକ ବୃଦ୍ଧି କରି ଏହିପରି ୨୦ ଥର ପର୍ଯ୍ୟନ୍ତ କର ।

**ହସ୍ତ ଦଣ୍ଡ :** ଦୁଇହାତ କାଖ ସଳଖରେ ଭୂମିରେ ସମାନଭାବେ ରଖ । ଶରୀରକୁ ସଳଖଭାବେ ଲମ୍ବା କରି ଦୁଇହାତ ପଞ୍ଝା ଏବଂ ଦୁଇ ଗୋଡ଼ ଅଙ୍ଗୁଳି ଉପରେ ସମସ୍ତ ଶରୀରକୁ ରଖ । ଶରୀରକୁ ଟିକିଏ ହେଲେ ବଙ୍କା ନ କରି ଲାଠିପରି ଆସ୍ତେ ଆସ୍ତେ ଭୂମିରେ ଲାଗିବାକୁ ଚାରି ଆଙ୍ଗୁଳି ଦୂର ପର୍ଯ୍ୟନ୍ତ ନେଇ ଆସ ଏବଂ ବିଶ୍ରାମ ନ କରି ପୁନରାୟ ପୂର୍ବ ସ୍ଥିତିକୁ ଶରୀରକୁ ଉଠେଇ ନିଅ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଥରେ କର । ପ୍ରତି ପନ୍ଦର ଦିନ ଅନ୍ତରରେ ଏକ ଏକ ବୃଦ୍ଧି କରି ପାଞ୍ଚ ଥର ପର୍ଯ୍ୟନ୍ତ ନିଅ । ଏହା କେବଳ ହାତର ବ୍ୟାୟାମ । ଅନ୍ୟ ପ୍ରକାର ହେଲା : —

**ଶାରୀରିକ ଦଣ୍ଡ :** ପୂର୍ବ ପରି ହାତ ପଞ୍ଝା ଓ ପାଦର ଅଙ୍ଗୁଳି ଉପରେ ଶରୀରକୁ ଲାଠି ସଦୃଶ ସିଧା ରଖ । ଛାତି ଭୂମିରୁ ଚାରି ଆଙ୍ଗୁଳି ଛାଡ଼ି ଶରୀରର ମସ୍ତକ ଭାଗକୁ ପଛ ଆଡ଼କୁ ଟାଣି ଅଣ୍ଟାରୁ ଉଚ୍ଚା କରି ନିଅ । ପୁନରାୟ ମସ୍ତକ ଭାଗ ଭୂମିରୁ ଦୁଇ ତିନି ଆଙ୍ଗୁଳି ଛାଡ଼ି ସର୍ପ ମଥା ଉଠାଇଲା ପରି କ୍ରମଶଃ ଆଗ ଆଡ଼କୁ ନେଇ ଆସି ଆକାଶକୁ ଚାହଁ । ଅଣ୍ଟାରୁ ଗୋଡ଼ ଆଡ଼ ଭାଗ ଭୂମିର କିଛି ଉଚ୍ଚରେ ଜଂଘ ପର୍ଯ୍ୟନ୍ତ ସମାନ ରହିବ; ଜଂଘରୁ ମସ୍ତକ ପର୍ଯ୍ୟନ୍ତ କ୍ରମଶଃ ସିଧା ଉଚ୍ଚାକରି

ଆକାଶକୁ ଦେଖିବ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରତି ପନ୍ଦର ଦିନରେ ଏକ ଏକ କରି ବଢ଼ାଇ ଚାରିରେ ସମାପ୍ତ କର ।

**ପେଟର ବ୍ୟାୟାମ :** ଗୋଟିଏ ଶପରେ ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଇ ସିଧା କରିଦିଅ । ସମସ୍ତ ଶରୀର ଭୂମିରେ, କେବଳ ଦୁଇଟି ଗୋଡ଼ ସଳଖଭାବେ ରହିବ ଉପରକୁ । ଶରୀର ଟିକିଏ ବି ଉଠିବ ନାହିଁ । ଦୁଇ ପାଦକୁ ଖୁବ୍ ଆସ୍ତେ ଆସ୍ତେ ତଳକୁ ନେଇ ଭୂମିରେ ରଖ । ଦୁଇ ଗୋଡ଼ ଭୂମିରୁ ହାତେ ଉଚ୍ଚ ରହିବା ସମୟରେ ବହୁତ ସାବଧାନ ହୋଇ ଆସ୍ତେ ଆସ୍ତେ ତଳକୁ ଆଣ । ଗୋଡ଼କୁ ଆସ୍ତେ ଆସ୍ତେ ତଳକୁ ଆଣିବା ଦ୍ୱାରା ପେଟର ବ୍ୟାୟାମ ହୁଏ । ତରବରରେ ଗୋଡ଼ ତଳକୁ ଆଣିଲେ ବ୍ୟାୟାମ ହୁଏ ନାହିଁ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଦୁଇ ଥର କର । ପ୍ରତ୍ୟେକ ପନ୍ଦର ଦିନ ଅନ୍ତରରେ ଏକ ଏକ ବଢ଼ାଇ ପାଞ୍ଚ ଥରରେ ସମାପ୍ତ କର ।

ଦୁଇ ଗୋଡ଼କୁ ଅଣ୍ଟା ପର୍ଯ୍ୟନ୍ତ ଭୂମିରେ ଲଗାଇ ରଖ । ଦୁଇ ହାତ ଆଗକୁ ଲମ୍ବାକରି କମରରୁ ମସ୍ତକ ଭାଗଟିକୁ ସିଧାସଳଖ ଭାବେ ଉପରକୁ ଉଠେଇ ବସିପଡ଼ । ଉଠିବା ସମୟରେ ଗୋଡ଼ ଉଠିବ ନାହିଁ, ଭୂମିରେ ଲାଗି ରହିବ । ପୁନରାୟ ଦୁଇ ଗୋଡ଼କୁ ସେହି ସ୍ଥିତିରେ ରଖି ମସ୍ତକକୁ ଆସ୍ତେ ଆସ୍ତେ ଭୂମିକୁ ନେଇ ଆସ । ଏହି ବ୍ୟାୟାମ କିଛି ଦିନ ଅଭ୍ୟାସ ହୋଇଯିବା ପରେ ପ୍ରଥମରେ ହାତ ଦୁଇଟିକୁ ଆଗେ କରି ଶରୀରକୁ ଉଠାଇ ପରେ ହାତ ଦୁଇ କଡ଼ରେ ରଖି କେବଳ ଅଣ୍ଟା ଜୋର୍‌ରେ ଶରୀରକୁ ଆସ୍ତେ ଆସ୍ତେ ଉଠାଇ ନିଅ ।

ଏହି ବ୍ୟାୟାମ ଅଭ୍ୟାସ ହୋଇଯିବା ପରେ କମରକୁ ଭୂମିରେ ରଖି ଗୋଡ଼ ଏବଂ ମଥା ଏକ ସଙ୍ଗେ କ୍ରମଶଃ ଉପରକୁ ଉଠେଇ ନେଇ ସିଧାଭାବେ ରଖି ଗୋଡ଼ ଅଙ୍ଗୁଳିକୁ ହାତ ଆଙ୍ଗୁଳିରେ ଧରି ଏହି ସ୍ଥିତିରେ ଦୁଇ ଚାରି ସେକେଣ୍ଡ ରହି ପୁନରାୟ ଆସ୍ତେ ଆସ୍ତେ ଦୁଇ ଗୋଡ଼ ଏବଂ ମସ୍ତକ ସମାନଭାବେ ଏକ ସଙ୍ଗେ ଭୂମିକୁ ନେଇଆସ । ମଥା ଅଥବା ଗୋଡ଼ ଆଗେ ପଛେ ହେଲେ ଚଳିବ ନାହିଁ, ଏକସଙ୍ଗେ ହେବା ବିଧେୟ । କିଛିଦିନ ଅଭ୍ୟାସ କରିବା ପରେ ଏହି ବ୍ୟାୟାମ ଠିକ୍ ହୁଏ । ଏହାକୁ ଥରେ କିଂବା ଦୁଇଥର କର ।

**ସର୍ବାଙ୍ଗାସନ :** ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଅ । ଦୁଇ ଗୋଡ଼ ସିଧା ହୋଇଗଲେ ଦୁଇ ହାତକୁ କହୁଣିପର୍ଯ୍ୟନ୍ତ ଭୂମିରେ ରଖି ଦୁଇ ହାତ ଦ୍ୱାରା କମରଠାରୁ ଶରୀରକୁ ବେକ ପର୍ଯ୍ୟନ୍ତ ଉଠାଅ । ବେକ ଓ ମସ୍ତକ ରହିବ ଭୂମିରେ । ଦୁଇ ହାତ ସାହାଯ୍ୟରେ ସମସ୍ତ ଶରୀର ସିଧାସଳଖଭାବେ ବେକ ଉପରେ ଉପରକୁ ରହିବ ଏବଂ ଥୋମଣିକୁ ଛାତିର ଉପର ଭାଗରେ ଲଗେଇ ଦିଅ । ଏହାର ମହତ୍ତ୍ୱପୂର୍ଣ୍ଣ କ୍ରିୟା ହେଲା ଶରୀର ସିଧା ଏବଂ ଥୋମଣି ଛାତିର ଉପରି ଭାଗରେ ଲାଗି ରହିବା । ଏହି ସ୍ଥିତିରେ ପ୍ରଥମରେ ଏକ ମିନିଟ୍ ରହ । କ୍ରମଶଃ ଆସ୍ତେ ଆସ୍ତେ, ଖୁବ୍ ଆସ୍ତେ ଶରୀରକୁ ଭୂମିରେ ରଖିଦିଅ । ଏହି ବ୍ୟାୟାମ ପ୍ରଥମରେ ଏକ ମିନିଟ୍ କର, ତତ୍ପରେ ପ୍ରତି ଏକ ମାସରେ ଏକ ଏକ ମିନିଟ୍ ଲେଖାଏଁ ବଢ଼ାଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ନିଅ ।

ପନ୍ଦର ବର୍ଷରୁ ପଚିଶ ବର୍ଷ ବୟସ୍କ ମହିଳାମାନଙ୍କୁ ଏହି ବ୍ୟାୟାମଗୁଡ଼ିକର ସଂଖ୍ୟା ଓ ସମୟ ଦୁଇଗୁଣ କରିବାକୁ ହେବ । ବିବାହିତା ମହିଳାମାନେ ଗର୍ଭଧାରଣ କରିବା ସମୟରେ ଏହିସବୁ ବ୍ୟାୟାମ ବନ୍ଦ ରଖିବେ ।

୪. ଭୋଜନର ସମୟ, ଶୋଇବା ଓ ଉଠିବାର ସମୟ ନିର୍ଦ୍ଦିଷ୍ଟ ହେବା ଉଚିତ । ଭୋର ସାଢ଼େ ପାଞ୍ଚଟା ପୂର୍ବରୁ ଉଠିବା ବହୁତ ଆବଶ୍ୟକ । ଝିଅ ବୋହୂମାନେ ଛ'ଟା ପର୍ଯ୍ୟନ୍ତ କିଂବା ଛ'ଟାରୁ ଅଧିକ ସମୟ ଶୋଇଲେ ମା'ମାନେ ବା ଶାଶୂମାନେ ସେମାନଙ୍କୁ କହନ୍ତି 'ଅଲକ୍ଷଣୀ' । ଯଥାର୍ଥରେ ବ୍ୟାୟାମ ଏବଂ ସଚ୍ଚିନ୍ତା କରିବା ସକାଶେ ସେହି ସମୟ ଉତ୍ତମ ।

ଆବଶ୍ୟକରୁ ଅଧିକ ଭୋଜନ କରିବ ନାହିଁ । ଭୋଜନ ଦ୍ରବ୍ୟ ସାମନାରେ ରଖି ଆଖି ବନ୍ଦ କରି ମା'ଙ୍କୁ ଧ୍ୟାନ କର ଏବଂ ଅର୍ପଣ କର । ମନେକର ଜଠରାଗ୍ନିରୂପେ ମା' ତୁମ ମଧ୍ୟରେ ଭୋଜନ କରୁଅଛନ୍ତି । ମା'ଙ୍କୁ ସ୍ମରଣ କରି

କଥାବାର୍ତ୍ତା ନ କରି, ଗପ ନ କରି ମୌନ ହୋଇ ଭୋଜନ କର । ଭୋଜନ ଦ୍ୱାରା ସମସ୍ତ ଇନ୍ଦ୍ରିୟର ରସ ପ୍ରାପ୍ତି ହୁଏ । ଭୋଜନ ସମୟରେ ସାତ୍ତ୍ୱିକ ବୃତ୍ତି ହେଲେ ମନୁଷ୍ୟର ସଚ୍ଚରିତ୍ର ଗଠନରେ ସାହାଯ୍ୟ ମିଳେ ।

୫. ବ୍ୟାୟାମ ସମୟ ପ୍ରାତଃକାଳ କିଂବା ସନ୍ଧ୍ୟା କାଳ ହେବା ଉଚିତ । ଭୋଜନ ଦ୍ରବ୍ୟ ହଜମ ହେବା ପୂର୍ବରୁ ଏବଂ ବିଶେଷ କ୍ଷୁଧା ଲାଗୁଥିବା ସମୟରେ ବ୍ୟାୟାମ କରିବା ନିଷେଧ । ଭୋଜନର ତିନି ଚାରି ଘଣ୍ଟା ପରେ ବ୍ୟାୟାମ କରିପାର । ବ୍ୟାୟାମ କରିବାର ଅଧଘଣ୍ଟା ପରେ ଆବଶ୍ୟକ ହେଲେ ଦୁଧ ବା ଲଘୁପାକ ଜଳଖିଆ ଖାଇପାର; କିନ୍ତୁ ବ୍ୟାୟାମର ଦେଢ଼ ଘଣ୍ଟା ମଧ୍ୟରେ ଉଦରପୂର୍ଣ୍ଣ ଭୋଜନ କରିବ ନାହିଁ । ବ୍ୟାୟାମର ଏକ ଘଣ୍ଟା ପରେ ସ୍ନାନ କରିପାର ।

୬. ଯେଉଁ ବାଳିକାମାନଙ୍କର ଶରୀର ବହୁତ ମଜଭୁତ ମାସିକ ଧର୍ମ ହେବା ସମୟରେ ଶରୀର ଦୁର୍ବଳ ହୁଏ ନାହିଁ, ପେଟରେ ବ୍ୟଥା ହୁଏ ନାହିଁ, ସେମାନେ ସେ ସମୟରେ କମ୍ ମାତ୍ରାରେ ବ୍ୟାୟାମ କରିପାରନ୍ତି । ଅନ୍ୟଥା ଦୁଇ ତିନି ଦିନ ବ୍ୟାୟାମ ବନ୍ଦ ରଖିବା ଉଚିତ ।

୭. ବ୍ୟାୟାମ ପୂର୍ବରୁ ଦୁଇ ତିନି ମିନିଟ୍ ନୀରବ ହୋଇ ମା'ଙ୍କୁ ଧ୍ୟାନ କର ଏବଂ ଧାରଣା କର ଯେ ମା'ଙ୍କ ଶକ୍ତି ତୁମ ମଧ୍ୟରେ କାର୍ଯ୍ୟ କରୁଅଛି ।

୮. ବ୍ୟାୟାମ ଶେଷ ହେବା ପରେ ଶପ ମସିଣାରେ ଚିତ୍ ହୋଇ ଶୋଇଯାଅ । ହାତ ଗୋଡ଼ ଶରୀରକୁ ଏକେବାରେ ଶିଥିଳ କରିଦିଅ । ଅପରେସନ୍ ସମୟରେ ଡାକ୍ତରମାନେ ଇଞ୍ଜେକ୍ସନ୍ ଦେଇ ଶରୀରକୁ ଅବଶ କରିଦେଲା ପରି ଶରୀରକୁ ଢିଲା କରିଦିଅ । ଯଦି ଅଧଘଣ୍ଟାଏ ବ୍ୟାୟାମ କରିଥାଅ ତାହାହେଲେ ଏହିପରି ଅବସ୍ଥାରେ ଦଶ ମିନିଟ୍ ରହ । ପରେ ଉଠି କିଛି ସମୟ ଧ୍ୟାନକର ଅଥବା ପଢ଼ାପଢ଼ି କର ।

## ଭୌତିକ ତଥା ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା

ବ୍ୟାୟାମ କଲେ ବାଳିକାମାନଙ୍କର କେବଳ ଶରୀର ହୃଷ୍ଟପୁଷ୍ଟ ହୁଏ, ଶରୀରର ବଳ ବଢ଼େ; କିନ୍ତୁ ବୁଦ୍ଧିର ବିକାଶ ହୁଏ ନାହିଁ । ଅବିକଶିତ ବୁଦ୍ଧି, ବିଚାର ଅଭାବରୁ ସେମାନେ ଉତ୍ତମ କାର୍ଯ୍ୟ କରି ପାରନ୍ତି ନାହିଁ । ଏଣୁ ଶରୀରର ବିକାଶ ସଙ୍ଗେ ସଙ୍ଗେ ବୁଦ୍ଧିର ବିକାଶ ସକାଶେ ଶିକ୍ଷାର ପ୍ରୟୋଜନ । ସ୍ତ୍ରୀମାନଙ୍କ ଶିକ୍ଷାରେହିଁ ହେବ ଜଗତର ଉନ୍ନତି, ସଂସାରରେ ସୁଖ ଶାନ୍ତି ସ୍ଥାପନ ।

ପୂର୍ବେ ଝିଅମାନଙ୍କୁ ଶିକ୍ଷାଦେବା ପିତାମାତା ଆବଶ୍ୟକ ମନେ କରୁ ନ ଥିଲେ । ଝିଅମାନେ ରୋଷାଇ କରିବେ, ପିଲାଙ୍କୁ ଲାଳନ ପାଳନ କରିବେ, ପୁଅମାନେ ପଢ଼ି ଚାକିରି ବା ବ୍ୟବସାୟ କରି ଟଙ୍କା କମେଇ କୁଟୁମ୍ବ ପାଳନ-ପୋଷଣ କରିବେ – ଏହାହିଁ ସେମାନଙ୍କର ଧାରଣା ଥିଲା । ସେମାନେ ସ୍ୱୟଂ ମନେ କରୁଥିଲେ ବିଦ୍ୟା-ଶିକ୍ଷାରେ ସେମାନଙ୍କର ଦରକାର କ'ଣ ? ସେମାନେ ତ' ଚାକିରି କରିବେ ନାହିଁ, କେବଳ ରୋଷାଇ କରିବେ ଓ ସନ୍ତାନ ଉତ୍ପାଦନ କରିବେ । ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ନାରୀ ଓ ପୁରୁଷ ଉଭୟଙ୍କ ପ୍ରଯତ୍ନରେ ହେବ ସଂସାରର ଉନ୍ନତି । ନାରୀ ହେଉଛନ୍ତି ସଂସାରର ଅର୍ଦ୍ଧଶକ୍ତି । ସେମାନଙ୍କ ଅବନତିରୁ ହୋଇଛି ସଂସାରର ଅଧଃପତନ । ନାରୀମାନଙ୍କ ଉନ୍ନତିରେ ସଂସାର ହେବ ସ୍ୱର୍ଗତୁଲ୍ୟ । ବାଲ୍ୟାବସ୍ଥାରୁ ବାଳକ ଏବଂ ବାଳିକାମାନଙ୍କୁ ସମାନ ଭାବେ ଶିକ୍ଷା ଦେବା ଉଚିତ । ଏହା ଯଦ୍ୟପି ଆବଶ୍ୟକ, ତଥାପି ବାଳିକାମାନଙ୍କର ଶିକ୍ଷାର ବ୍ୟବସ୍ଥା ଆଦୌ ସନ୍ତୋଷଜନକ ନୁହେଁ । ବାଳିକା ସ୍କୁଲ, ମହିଳା କଲେଜ, ବାଳକମାନଙ୍କ ସ୍କୁଲ କଲେଜ ତୁଳନାରେ ବହୁତ କମ୍ । ବର୍ତ୍ତମାନ ମଧ୍ୟ ଅଧିକାଂଶ ପିତାମାତା ବାଳିକାମାନଙ୍କର ଶିକ୍ଷା ଆବଶ୍ୟକ ବୋଲି ଅନୁଭବ କରିପାରି ନାହାନ୍ତି ।

ବାଳିକାମାନଙ୍କର ବିଦ୍ୟା-ଶିକ୍ଷା ଅନିବାର୍ଯ୍ୟ ହେଲେ ମଧ୍ୟ ସେଥିରେ ଯେପରି ଗୁଣ ଅଛି ସେହିପରି ବା ତାହାଠାରୁ ଅଧିକ ପରିମାଣରେ ଦୋଷ ଦୃଷ୍ଟିଗୋଚର ହେଉଅଛି । ବିଦ୍ୟାଶିକ୍ଷା କଲେ ବୁଦ୍ଧିର ବିକାଶ ହୁଏ । ସେହି ବୁଦ୍ଧି ଅଧ୍ୟାତ୍

ସତ୍ୟରେ ଉଦ୍‌ଭାସିତ ନ ହେଲେ ପ୍ରାଣର ବାସନା, କାମନା, ଭୋଗଲିପ୍‌ସା ପୂର୍ଣ୍ଣ କରିବାରେ ବ୍ୟଗ୍ର ହୁଏ । ବର୍ତ୍ତମାନ ହୋଇଛି ଠିକ୍ ଏହି ଅବସ୍ଥା । ବାଳିକାମାନଙ୍କୁ ଯେଉଁ ଶିକ୍ଷା ଦିଆହେଉଛି, ତାହାଦ୍ୱାରା କେବଳ ବୁଦ୍ଧିର ବିକାଶ ହେଉଛି । ବୁଦ୍ଧି ସ୍ୱୟଂ ଅପ୍ରକାଶିତ ରହିଥିବାରୁ ପ୍ରାଣକୁ ସଂଯତ କରିବା ପରିବର୍ତ୍ତେ ତା'ର ବାସନା-କାମନା ପୂର୍ଣ୍ଣ କରିବାର ଯନ୍ତ୍ର ହୋଇଅଛି, ଯୁକ୍ତିତର୍କ ଦ୍ୱାରା ତାହାକୁ ସମର୍ଥନ ମଧ୍ୟ କରୁଅଛି । ଏହି ବିଦ୍ୟାଶିକ୍ଷା ଦ୍ୱାରା ବୁଦ୍ଧି ବିକାଶ ହେବାରେ ଯେଉଁ ଲାଭ ହୋଇଅଛି, ତାହାଠାରୁ ଅଧିକ କ୍ଷତି ହୋଇଅଛି ଚେତନା ଅଧୋମୁଖୀ ହେବାଯୋଗୁଁ । ମନୁଷ୍ୟ ମଧ୍ୟରେ ପ୍ରାଣ, ବୁଦ୍ଧି, ଆତ୍ମା, ଏହି ତିନି ସତ୍ତା ନିହିତ ଅଛି ସତ୍ୟ, କିନ୍ତୁ ତାହା ଅବିକଶିତ ଅବସ୍ଥାରେ ରହିଛି । ଏହି ତିନି ସତ୍ତାର ବିକାଶରେ ହୁଏ ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତି । ପୂର୍ଣ୍ଣବିକଶିତ ବ୍ୟକ୍ତି ସ୍ୱୟଂ ଉନ୍ନତ ହୁଏ, ସଂସାରର ମଧ୍ୟ ଉନ୍ନତି ସାଧନ କରେ । ଭୌତିକ ବିଦ୍ୟାଶିକ୍ଷା ହେଉଛି ୟୁରୋପର ନକଲ । ଏହାଦ୍ୱାରା କେବଳ ଭୌତିକ ବୁଦ୍ଧି ବିକାଶ ହୁଏ । ଏହି ବୁଦ୍ଧି ଆତ୍ମା ଦ୍ୱାରା ପରିଚାଳିତ ନ ହେଲେ ପ୍ରାଣକୁ ଶାସନ ସଂଯମ କରିବାରେ ସମର୍ଥ ହୁଏ ନାହିଁ । ପ୍ରାଣ ସ୍ୱୀୟଶକ୍ତି-ସଂପନ୍ନ । କିନ୍ତୁ ତା'ର କାର୍ଯ୍ୟ ସମ୍ପାଦନ କରିବାର କୌଶଳ ଅଭାବ । ଅବିକଶିତ ବୁଦ୍ଧିଯୁକ୍ତ ପ୍ରାଣବନ୍ତ ବ୍ୟକ୍ତି ଭଲ ଅଥବା ଖରାପ କାର୍ଯ୍ୟ କରିବାରେ ଅସମର୍ଥ ହୁଏ । ପଶୁମାନଙ୍କର ପ୍ରଚୁର ଶକ୍ତି ଥିବା ସତ୍ତ୍ୱେ ମନୁଷ୍ୟର ବୁଦ୍ଧିର ଆୟତ୍ତ ହୋଇଯାଆନ୍ତି । ପ୍ରାଣକୁ ପରିଚାଳନା କରେ ବୁଦ୍ଧି, ସୁତରାଂ ବୁଦ୍ଧି ସ୍ୱୟଂ ଅଦୀପ୍ତ । ଉନ୍ନତ ବୁଦ୍ଧି, ଶୁଦ୍ଧ ପ୍ରକାଶବାନ୍ ନ ହେଲେ ସେ ପ୍ରାଣର ସାହାଯ୍ୟରେ ଅଥବା ପ୍ରାଣର ବଳାତ୍କାରରେ ବହୁ ଅବିହିତ କାର୍ଯ୍ୟ କରେ । ବୁଦ୍ଧି ଭୌତିକ ବିଦ୍ୟାଶିକ୍ଷା ଦ୍ୱାରା ତୀକ୍ଷ୍ଣ ହୁଏ; ଶୁଦ୍ଧ, ସ୍ୱଚ୍ଛ, ପ୍ରକାଶବାନ୍ ହୁଏ ନାହିଁ । ଶୁଦ୍ଧ, ସ୍ୱଚ୍ଛ ପ୍ରକାଶବାନ୍ ହୁଏ ଆତ୍ମାର ପ୍ରଭାବରେ । ଆତ୍ମାର ବିକାଶ ହୁଏ ଅଧ୍ୟାତ୍ମ ସାଧନା ଦ୍ୱାରା । ପ୍ରାଣବନ୍ତ ବ୍ୟକ୍ତିର ଭୌତିକ ବୁଦ୍ଧି ବିକାଶ ହେଲେ ତାକୁ କର୍ମର କୌଶଳ ଜ୍ଞାତ ହୁଏ । ସୁତରାଂ ଅଧ୍ୟାତ୍ମ ଶିକ୍ଷା ଦ୍ୱାରା ବୁଦ୍ଧି ପରିମାର୍ଜିତ, ଶୁଦ୍ଧ, ସୂକ୍ଷ୍ମ ନ ହେଲେ ବୁଦ୍ଧିବାଦୀ ମନୁଷ୍ୟ ନିଜର ଯଥାର୍ଥ ହିତ ବୁଝିପାରେ ନାହିଁ । ଜୀବନର ଲକ୍ଷ୍ୟ ତା'ପାଖରେ ଅଜ୍ଞାତ ରହେ । ସେ ଯଥାର୍ଥ ମାର୍ଗରୁ ଭ୍ରଷ୍ଟହୋଇ ନିଜ ସ୍ୱାର୍ଥ ସାଧନାରେ ସମସ୍ତ ଶକ୍ତି ପ୍ରୟୋଗ କରେ । ଚୋରମାନେ ସମସ୍ତ ଶକ୍ତି ପ୍ରୟୋଗ କରି ଅନ୍ୟର ଧନ ଅପହରଣ କରନ୍ତି ଅଥବା ପ୍ରାଣ ନାଶକରି ଧନ ଚୋରି କରନ୍ତି । ଓକିଲମାନେ ମିଥ୍ୟା ମୋକଦ୍ଦମା ଜାଣିବା ସତ୍ତ୍ୱେ ଟଙ୍କା ଲୋଭରେ ମିଥ୍ୟା ଉପାୟ ମହକିଲକୁ ବତାଇ ଯୁକ୍ତିତର୍କ ଦ୍ୱାରା ଦିନକୁ ରାତି ସାବ୍ୟସ୍ତ କରିଦିଅନ୍ତି । ନେତାମାନେ ଅନ୍ୟ ଦେଶ ଉପରେ ଆକ୍ରମଣ କରି ଜାଲ, ଫିସାଦ, ପ୍ରଚାର ଦ୍ୱାରା ନିର୍ଦ୍ଦୋଷ ଦେଶକୁ ଦୋଷୀ ସାବ୍ୟସ୍ତ କରିବାରେ ସମସ୍ତ ବୁଦ୍ଧି ପ୍ରୟୋଗ କରନ୍ତି । ଅନ୍ୟ ଦେଶକୁ ଗ୍ରାସ କରିବା ସକାଶେ ଦିନ ରାତି ଚିନ୍ତା, କଳକୌଶଳ, ଫନ୍ଦିଫିକର କରୁଥା'ନ୍ତି । ଯେଉଁମାନଙ୍କର ଅଧିକ ଅଧିକାର ଥାଏ ସେମାନେ ଅଧିକ ମାତ୍ରାରେ ସ୍ୱାର୍ଥ ସାଧନରେ ପ୍ରାଣ ଓ ବୁଦ୍ଧିକୁ ପ୍ରୟୋଗ କରନ୍ତି । ଯେଉଁମାନଙ୍କର ଅଧିକାର କମ୍ ଥାଏ, ସେମାନେ କମ୍ ମାତ୍ରାରେ ପ୍ରାଣ ଓ ବୁଦ୍ଧିକୁ ସ୍ୱାର୍ଥ-ସାଧନରେ ଲଗାନ୍ତି । ଅଧ୍ୟାତ୍ମ ସତ୍ୟର ଆଶ୍ରୟ ଛଡ଼ା କେବଳ ବିକଶିତ ବୁଦ୍ଧିଯୁକ୍ତ ବ୍ୟକ୍ତି କେବେ ମଧ୍ୟ ନିଜର ଓ ସଂସାରର ଯଥାର୍ଥ ହିତସାଧନ କରିପାରେ ନାହିଁ ।

ବର୍ତ୍ତମାନ ଠିକ୍ ଏହିପରି ହୋଇଛି ନାରୀମାନଙ୍କର । ଭୌତିକ ଶିକ୍ଷା ଦ୍ୱାରା ଧର୍ମଭାବ ନଷ୍ଟ ହୋଇଅଛି । ସେମାନଙ୍କଠାରୁ ଯେଉଁ ଉନ୍ନତ କାର୍ଯ୍ୟ ଆଶା କରାଯାଇ ପାରନ୍ତା, ଅଧ୍ୟାତ୍ମ ବିଦ୍ୟା ଅଭାବରୁ ତାହାର ବିପରୀତ ଅବସ୍ଥା ଦୃଷ୍ଟିଗୋଚର ହେଉଅଛି । ଶକ୍ତି ଜଳ ସଦୃଶ ଅନ୍ଧ । ଜଳକୁ ନିୟନ୍ତ୍ରଣ କଲେ ତାହା ପ୍ରାଣୀମାନଙ୍କ ଜୀବନ ରକ୍ଷାର ବହୁତ କାର୍ଯ୍ୟରେ ଉପଯୋଗ ହୁଏ । ତହିଁରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇ ବହୁ ହିତ ସାଧନ କରେ । କିନ୍ତୁ ସେହି ଜଳକୁ ନିୟନ୍ତ୍ରଣ ନ କଲେ ତାହା ଦେଶ ଓ ଗ୍ରାମମାନଙ୍କୁ ଭସାଇ ନେଇ ସମୁଦ୍ରରେ ପକାଇ ଦିଏ । ସେହିପରି ପ୍ରାଣ ଓ ଭୌତିକ ବୁଦ୍ଧି । ଏହା ଅଧ୍ୟାତ୍ମ ସତ୍ୟ ଦ୍ୱାରା ସଂଯତ ଏବଂ ନିୟନ୍ତ୍ରିତ ନ ହେଲେ ଅନ୍ୟର ହିତ ପରିବର୍ତ୍ତେ ଅହିତ ସାଧନ କରେ । ଏହି ଅବସ୍ଥା ହୋଇଛି ସଂସାରର ସମସ୍ତ ନର-ନାରୀଙ୍କର । ପୂର୍ବେ ଆଲୋଚନା କରାଯାଇଛି ଯେ ନାରୀମାନଙ୍କ ଧର୍ମାଚରଣରେ ସଂସାରରେ ସୁଖ-ଶାନ୍ତି ସ୍ଥାପନ ହୁଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଧର୍ମଭାବ ଅଧିକ । ଅତଏବ ଏହି ଆଧୁନିକ ଶିକ୍ଷା ଦ୍ୱାରା ନାରୀମାନଙ୍କର ଧର୍ମଭାବ ନଷ୍ଟ ହେବାରୁ ସଂସାରରେ ଅଧିକ ଅସତ୍ୟ, ଅନ୍ୟାୟ, ଦୁଃଖକଷ୍ଟ ବୃଦ୍ଧି ହୋଇଅଛି । ତଥାପି ବର୍ତ୍ତମାନ ଆଧୁନିକ ବିଦ୍ୟାଶିକ୍ଷା ଛାଡ଼ିଦେଲେ ଚଳିବ ନାହିଁ । ତାହା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଆଧୁନିକ ଶିକ୍ଷାକୁ

ଆଧ୍ୟାତ୍ମିକ ସତ୍ୟ ଉପରେ ପ୍ରତିଷ୍ଠିତ କରିବାକୁ ହେବ । ତେବେ ସେମାନେ ଯଥାର୍ଥରୂପେ ଧର୍ମ ପାଳନ କରିପାରିବେ । ସେମାନଙ୍କର ହେବ ପୂର୍ଣ୍ଣ ବିକାଶ । ସେମାନଙ୍କ ଦ୍ୱାରା ହେବ ନିଜର, ପରିବାରର, ଗ୍ରାମର, ଦେଶର, ସଂସାରର ଉନ୍ନତି । ସେହି ସକାଶେ ବାଳିକାମାନଙ୍କ ନିମିତ୍ତ ଆଧ୍ୟାତ୍ମିକ ଶିକ୍ଷାର ଏକାନ୍ତ ପ୍ରୟୋଜନ । ଏହାଦ୍ୱାରା ହେବ ସେମାନଙ୍କର ଯଥାର୍ଥ ଚରିତ୍ର-ଗଠନ ।

ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଇତ୍ୟାଦି ସୌନ୍ଦର୍ଯ୍ୟମୟ କଳା ପ୍ରାଣର ଅତି ପ୍ରିୟ । ଗଳ୍ପ, କାହାଣୀ ପ୍ରତି ଆକୃଷ୍ଟ ହେବା ତଥା ସିନେମା ଦେଖିବା ଆଦି ତା'ରି ପ୍ରବୃତ୍ତି । ଭୋଗ ବାସନାର ତୃପ୍ତି ପ୍ରତି ଆକର୍ଷଣ ଏବଂ କାର୍ଯ୍ୟକାରୀ ସାହସ ଓ ଶକ୍ତି ପ୍ରାଣର । ପ୍ରାଣ ଚାହେଁ ମାନ, ସମ୍ମାନ, ପ୍ରଶଂସା, ପ୍ରତିଷ୍ଠା, ଅଧିକାର । ପ୍ରାଣର ଅଦମ୍ୟ ଶକ୍ତି, କିନ୍ତୁ କାର୍ଯ୍ୟରେ ପରିଣତ କରିବା କୌଶଳର ଅଭାବ । ପ୍ରାଣର ସ୍ୱାଭାବିକ ଗୁଣ ଉଦ୍ଦଣ୍ଡତା, କିନ୍ତୁ ସେ ବିଚାର ବୁଦ୍ଧିରେ ଶୂନ୍ୟ । ଭବିଷ୍ୟତ ଦୃଷ୍ଟିରେ ସେ ଅନ୍ଧ । ପ୍ରଚଣ୍ଡ ବଳଯୁକ୍ତ ଅନ୍ଧ ବ୍ୟକ୍ତି ସଦୃଶ ପ୍ରାଣ । ସେ ଦୌଡ଼ି ଦୌଡ଼ି ଖାଲରେ ପଡ଼ି ଆଣ୍ଠୁ ଗଣ୍ଠି ଭାଙ୍ଗେ ।

ବୁଦ୍ଧିର ବିଚାର ଶକ୍ତି ଅଛି । ସେ କାର୍ଯ୍ୟ ସମ୍ପନ୍ନ କରିବାର କୌଶଳ ଜାଣେ । ଯଦି ସେ ଅଧ୍ୟାତ୍ମ ଜ୍ୟୋତିଃରେ ପ୍ରକାଶିତ ହୁଏ, ତେବେ ସେ ପ୍ରାଣକୁ ଶାସନ କରିପାରେ । ପୋଷା ହାତୀ ସଦୃଶ – ତାହା ଦ୍ୱାରା ଉତ୍ତମ କାର୍ଯ୍ୟ କରାଇପାରେ । ଅନ୍ୟଥା ପ୍ରାଣର ଚାପରେ ତା'ର ବାସନା, କାମନା, ସ୍ୱାର୍ଥସିଦ୍ଧିର ଯନ୍ତ୍ର ହୁଏ । ବର୍ତ୍ତମାନ ଏହାହିଁ ହେଉଅଛି ସମଗ୍ର ସଂସାରରେ । ବ୍ୟକ୍ତି ନିଜ ସ୍ୱାର୍ଥ ସାଧନା କରିବାରେ ସମସ୍ତ ବୁଦ୍ଧିକୁ ଅନ୍ୟାୟ ଅବିହିତ କାର୍ଯ୍ୟରେ ଲଗାଉ ଅଛି । ସେଥିରୁ ନାରୀମାନେ ମଧ୍ୟ ବାଦ୍ ଯାଉ ନାହାନ୍ତି । ଯେଉଁ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଇତ୍ୟାଦି ଚାରୁଶିଳ୍ପ ଏବଂ ବିଦ୍ୟା ଶିକ୍ଷା ସାହାଯ୍ୟରେ ସେମାନଙ୍କ ଚେତନା ଉଚ୍ଚସ୍ତରକୁ ଉନ୍ନୀତ ହୋଇ ଥାଆନ୍ତା, ସେମାନେ ସମାଜ ଉନ୍ନତିକର କାର୍ଯ୍ୟ କରିପାରି ଥାଆନ୍ତେ, ତାହା ନ ହୋଇ ଅଧ୍ୟାତ୍ମ ସତ୍ୟର ନିୟନ୍ତ୍ରଣ ଅଭାବରୁ ସେମାନଙ୍କ ଚେତନା ନିମ୍ନସ୍ତରକୁ ଖସି ଆସିଅଛି । ଏତଏବ ନାରୀମାନଙ୍କୁ ଉନ୍ନତ ଓ ପବିତ୍ର ଅବସ୍ଥା ପ୍ରାପ୍ତ କରିବାକୁ ହେଲେ ବାଲ୍ୟାବସ୍ଥାରୁ ଅଧ୍ୟାତ୍ମ ବିଦ୍ୟାର ଆଶ୍ରୟ ନେବା ବିଧେୟ ।

## ପ୍ରଶ୍ନୋତ୍ତର

ପ୍ରଶ୍ନ : ଆଧ୍ୟାତ୍ମିକତାର ଅର୍ଥ – ଯୋଗ, ଭକ୍ତି, ଜ୍ଞାନ । ଏହାର ସାଧନା ଜପ, ତପ, ଯମ, ନିୟମ, ସଂଯମାଦି କଠିନ ସାଧନା । ଛୋଟ ଛୋଟ ବାଳିକାମାନେ କ'ଣ ଏହା କରିପାରିବେ ?

ଉତ୍ତର : ବାଳିକାମାନେ ଛୋଟ ଅବସ୍ଥାରୁ ବହୁତ ସରଳ ନିୟମ ଗ୍ରହଣ କଲେ ଭବିଷ୍ୟତରେ ସେମାନେ ଏହି ସବୁ ସାଧନା ସହଜରେ କରିପାରିବେ । ଯୋଗ, ଭକ୍ତି, ଜ୍ଞାନର ସାଧନାଦି ଏକେବାରେ କଠିନ ନୁହେଁ । ଏହାର ଖୁବ୍ ସରଳ ମାର୍ଗ ଅଛି । ଏମ୍.ଏ., ଡାକ୍ତରୀ, ଇଞ୍ଜିନିୟରିଂ ଇତ୍ୟାଦି ବିଦ୍ୟା ଜଣେ ଶିଶୁପକ୍ଷେ କେବଳ କଠିନ ନୁହେଁ, ଅସମ୍ଭବ; କିନ୍ତୁ ଶିଶୁ ଅବସ୍ଥାରେ 'କ', 'ଖ' ସହଜ । କିନ୍ତୁ ଏହାକୁ କ୍ରମଶଃ ଅଭ୍ୟାସ କଲେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ପକ୍ଷେ ଏମ୍.ଏ., ଇଞ୍ଜିନିୟରିଂ, ଡାକ୍ତରୀ ଇତ୍ୟାଦି ବିଦ୍ୟା ପଢ଼ିବା ସୁବିଧା ହୁଏ । ସେହିପରି ଅଧ୍ୟାତ୍ମ ସାଧନା । ବାଳିକାମାନେ ବାଲ୍ୟାବସ୍ଥାରେ ଅଧ୍ୟାତ୍ମ ସାଧନା ଆରମ୍ଭ କଲେ ତାହା ସେମାନଙ୍କ ସ୍ୱଭାବରେ ଏପରିଭାବେ ପରିଣତ ହୋଇଯାଏ ଯେ ସେମାନେ ଆଗ୍ରହ ସହିତ ଧ୍ୟାନ, ଧାରଣା କରିପାରନ୍ତି ଏବଂ ଯୌବନ ଅବସ୍ଥାରେ ମନ-ପ୍ରାଣ ଦେଇ ଅବିହିତ ଅନ୍ୟାୟ କର୍ମରୁ ବିନା ପ୍ରୟାସରେ ମୁକ୍ତ ରହନ୍ତି ଓ ସଂସାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି ।

ପ୍ରଶ୍ନ : ବାଳିକାମାନଙ୍କ ସକାଶେ ସହଜ ପ୍ରଣାଳୀ କ'ଣ ?

ଉତ୍ତର : ସତ୍ୟ କହିବା, ପ୍ରାର୍ଥନା କରିବା ।

ବାଳକ-ବାଳିକାମାନଙ୍କୁ ଶିଶୁ ଅବସ୍ଥାରୁ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ସତ୍ୟ କହିବା ସକାଶେ ଦୃଢ଼ସଂକଳ୍ପ କରାଇବାକୁ ହେବ ଏବଂ ପୂର୍ବେ ଲେଖା ହୋଇଥିବା ଅନୁସାରେ ଭୋର ୫ଟାରୁ ୬ଟା ମଧ୍ୟରେ ଉଠିବାକୁ ହେବ । ନିର୍ଦ୍ଦିଷ୍ଟ ସମୟରେ ଭୋଜନ, ବିଶ୍ରାମ, ବ୍ୟାୟାମ କରିବାକୁ ହେବ ଏବଂ ମା' ଶ୍ରୀଅରବିନ୍ଦଙ୍କ ଫଟୋ ଅଥବା ଭଗବାନଙ୍କ କୌଣସି ଛବିକୁ ପ୍ରତ୍ୟହ ସକାଳେ ଉଠିବା ପରେ ତଥା ସ୍ନାନ ପରେ ପ୍ରଣାମ କରିବାକୁ ହେବ । ନିୟମିତରୂପେ କିଛି ସମୟ 'ବିଚିତ୍ର ବିଭୂତି' ଗ୍ରନ୍ଥଟି ପଢ଼ିଲେ ଭଲ ହେବ । ସେଥିରେ ଭକ୍ତମାନଙ୍କର ଚରିତ ବର୍ଣ୍ଣିତ ହୋଇଛି । ପଢ଼ିବାକୁ ଭଲ ଲାଗିବ ଏବଂ ତଦ୍ଦ୍ୱାରା ଉନ୍ନତ ଜୀବନ ଗଠନରେ ବିଶେଷ ସହାୟତା ମିଳିବ । ଏହା ସହ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ମଧ୍ୟ ପଢ଼ା ଯାଇପାରେ । ଯେତେବେଳେ କୌଣସି ବିପଦ ଆସିବ, ସେତେବେଳେ ଭଗବାନଙ୍କର ଯେଉଁ ଛବି ରଖିଥିବ, ତାହାଙ୍କ ନାମ ସ୍ମରଣ କରି ତାଙ୍କୁ ଡାକିବ ।

ପ୍ରତ୍ୟେକ ବାଳକ-ବାଳିକା ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟେକ କାର୍ଯ୍ୟ ନିୟମିତ ଭାବେ କରିବେ । ସତ୍ୟ କହିବା ସାଧାରଣ ଜୀବନରେ ଅତ୍ୟନ୍ତ ଆବଶ୍ୟକ । ଏହା ବିନା ଜୀବନ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ହୁଏ । ଏହି ବିଶୃଙ୍ଖଳାକୁ ସଂଶୋଧନ କରି ଶୃଙ୍ଖଳାରେ ପରିଣତ କରିବାରେ ବହୁତ ଶକ୍ତି ବ୍ୟୟ ହୁଏ । ବ୍ୟବସ୍ଥିତ ବାହ୍ୟ କର୍ମ ଦ୍ୱାରା କେବଳ ଜୀବନ ସୁଧାର ହୁଏ ନାହିଁ, ବରଂ ଅଧ୍ୟାତ୍ମ ମାର୍ଗରେ ବହୁତ ସାହାଯ୍ୟ ମିଳେ ।

ଜୀବନରେ ନିଶ୍ଚୟ ବିପଦ ଆସେ । ବିପଦରୁ ରକ୍ଷା ପାଇବା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ । ମନୁଷ୍ୟ ଶରୀର ଏବଂ ସଂସାରର ଯେଉଁସବୁ ସ୍ଥୂଳ ଦୃଶ୍ୟମାନ ତଥା ଅଦୃଶ୍ୟ ବସ୍ତୁ ଅଛି, ଏହିସବୁକୁ ଗୋଟିଏ ଶକ୍ତି ବ୍ୟବସ୍ଥିତ କରୁଅଛି, ଏଥିରେ ସନ୍ଦେହ ନାହିଁ । ଭୌତିକ ବିଜ୍ଞାନ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଅଛି । ସେହି ଶକ୍ତିକୁ ଭିନ୍ନ ଭିନ୍ନ ନାମ ଦେଇପାରନ୍ତି । ସେହି ଶକ୍ତିକୁ ଆମେ ଭଗବାନ୍ ବୋଲି କହୁ ।

ଏଥିରେ କେହି ବିଶ୍ୱାସ କରୁ ବା ନ କରୁ, ଯୁକ୍ତି-ତର୍କର ଆବଶ୍ୟକ ନାହିଁ । ବିପଦ ଆସିଛି, ବିପଦରୁ ରକ୍ଷା ପାଇବାର କଥା । ବିପଦ ଦୂର ହୁଏ ଏକାଗ୍ରତା ସହ ସଂକଳ୍ପ ଦ୍ୱାରା । ସଂକଳ୍ପ ଓ ଏକାଗ୍ରତା ସ୍ୱାଭାବିକରୂପେ ହେବା ସମ୍ଭବ ନୁହେଁ । ତା'ର ଗୋଟିଏ ଆଶ୍ରୟ ଆବଶ୍ୟକ । ଭଗବାନ୍ ଗୋଟିଏ ଶକ୍ତି । ତାଙ୍କରି ଆଶ୍ରୟରେ ଆମେ ଯଦି ବିପଦରୁ ରକ୍ଷାପାଉ, ତେବେ ଭଗବାନ୍ କ'ଣ, ସେ ସତ୍ୟ କି ମିଥ୍ୟା,– ଏହିସବୁ ଦ୍ୱନ୍ଦ୍ୱରେ ନ ପଡ଼ି, କାର୍ଯ୍ୟ ସିଦ୍ଧି କରିନେବା ଭଲ । କୌଣସି ବିପଦ ଆସିଲେ ମା' ଅଥବା ଭଗବାନଙ୍କୁ ଡାକିଲେ, ବିପଦରୁ ରକ୍ଷା ହେବ । ଥରେ ବିପଦରୁ ରକ୍ଷାପ୍ରାପ୍ତ ହେଲେ ସ୍ୱାଭାବିକରୂପେ ଭଗବାନଙ୍କ ପ୍ରତି କ୍ରମଶଃ ଶ୍ରଦ୍ଧା, ବିଶ୍ୱାସ, ଭକ୍ତି ବୃଦ୍ଧି ହେବ । ଏହା ସଙ୍ଗେ ସଙ୍ଗେ ଅସତ୍ୟ, ଅନ୍ୟାୟ କର୍ମରୁ ନିବୃତ୍ତି ହେବ । ସେଥିରୁ ହେବ ମନ, ପ୍ରାଣ ପବିତ୍ର । ଭୌତିକ ବିଦ୍ୟା ଦ୍ୱାରା ମନର ହେବ ବିକାଶ । ଶୁଦ୍ଧ, ବିକଶିତ ବୁଦ୍ଧିଯୁକ୍ତ ବ୍ୟକ୍ତିର ସମସ୍ତ କର୍ମ ହେବ ଉନ୍ନତ ଓ ଯଥାର୍ଥ । ପବିତ୍ର ବୁଦ୍ଧିଯୁକ୍ତ ବ୍ୟକ୍ତି ଅନାୟାସରେ ଜ୍ଞାନ, ଭକ୍ତି ପ୍ରାପ୍ତ ହୋଇପାରେ ଏବଂ ସମସ୍ତ କଠିନ ଅଧ୍ୟାତ୍ମ ସାଧନା ତା'ପକ୍ଷେ ସହଜ ହୋଇଯାଏ । ଏପରି ବାଳିକା ଓ ମହିଳାମାନେ ସୀମିତ ଅଶୁଦ୍ଧ ବୁଦ୍ଧି ଦ୍ୱାରା ଚାଳିତ ନ ହୋଇ ଆତ୍ମସତ୍ୟ ଦ୍ୱାରା ଚାଳିତ ହୁଅନ୍ତି । ସେମାନଙ୍କ ଚେତନା ନିମ୍ନ ପ୍ରାଣୀଙ୍କ କଳୁଷିତ ଭୋଗ-ବାସନାରୁ ମୁକ୍ତ ହୋଇ ଉର୍ଦ୍ଧ୍ୱଗାମୀ ହୁଏ । ସେମାନେ ପୁରୁଷଙ୍କ ସହିତ ସଂସାର କାର୍ଯ୍ୟ କରି ପବିତ୍ର ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି ଅଥବା ଏକପତିନିଷ୍ଠ ହୋଇ ପାତିବ୍ରତ୍ୟ ଧର୍ମ ପାଳନପୂର୍ବକ ପିତୃ ଓ ପତି ଉଭୟ କୁଳକୁ ଉଜ୍ଜ୍ୱଳ କରିପାରନ୍ତି । 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' ଅଳ୍ପ ଧର୍ମ ଜନ୍ମମରଣ ଭୟଙ୍କର ଭୟରୁ ଉଦ୍ଧାର କରେ । ବାଲ୍ୟ ଅବସ୍ଥାରେ ଅଳ୍ପ ଧର୍ମ ଆଚରଣ କଲେ ତାହା ବୃଦ୍ଧିହୋଇ ମହାନ୍ ଧର୍ମରେ ପରିଣତ ହୁଏ । ପ୍ରାର୍ଥନା କରିବା ବାଳିକାମାନଙ୍କ ପକ୍ଷେ ସହଜ । ଏହା ପ୍ରତ୍ୟେକ ବାଳିକା ଅକ୍ଳେଶରେ କରିପାରନ୍ତି । ବାଲ୍ୟ ଅବସ୍ଥାରେ ଏହି ସହଜ ପ୍ରଣାଳୀ ଗ୍ରହଣ କରିବା ଦ୍ୱାରା ତାହା ବୃଦ୍ଧି ହୋଇ ସ୍ୱଭାବରେ ପରିଣତ ହୁଏ, ଜୀବନ ସୁଧାର ହୁଏ । ସେମାନେ ହୁଅନ୍ତି ଜଗତ୍‌ପୂଜିତା ଦେବୀ, ଜଗଜ୍ଜନନୀ ଅପରୂପା ମା' । ଏହିପରି ମା'ମାନେ

ନିଜ ଜୀବନର ପରମାନନ୍ଦ, ପରମ-ଶାନ୍ତି, ସତ୍-ଚିତ୍-ଆନନ୍ଦ, ପରମ-ବ୍ରହ୍ମ ଦ୍ୱାରା ପରମାତ୍ମାଙ୍କୁ ପ୍ରାପ୍ତହୋଇ ନିଜେ ଉଦ୍ଧାର ହୁଅନ୍ତି; ଦୁଃଖପୀଡ଼ିତ ବହୁ ନରନାରୀଙ୍କୁ ଉଦ୍ଧାର ହେବାରେ ସାହାଯ୍ୟ କରନ୍ତି ।

ବାଳିକାମାନଙ୍କ ହୃଦୟ ସ୍ୱଚ୍ଛ, ଶୁଦ୍ଧ ଓ କୋମଳ । ସେଥିରେ ଯୁକ୍ତି-ତର୍କର କାଳିମା ଲାଗି ନ ଥାଏ । ସ୍ଫଟିକମଣି ସଦୃଶ ସେମାନେ ସତ୍ୟସ୍ୱରୂପ ସୂର୍ଯ୍ୟକିରଣକୁ ଅବିକୃତ ଭାବରେ ଗ୍ରହଣ କରିପାରନ୍ତି । ଶିଶୁ ଅବସ୍ଥାରେ ଭଲ ଅଥବା ଖରାପ ଶିକ୍ଷା ଜୀବନର ସ୍ୱଭାବରେ ପରିଣତ ହୁଏ । ଏହା ନିର୍ବିବାଦ, ସର୍ବସମ୍ମତ, ସର୍ବମାନ୍ୟ ସିଦ୍ଧାନ୍ତ ଯେ ଉତ୍କୃଷ୍ଟ ଜୀବନର ସଦ୍‌ଗୁଣ ହେଲା — ନ୍ୟାୟ, ସତ୍ୟ, ପରୋପକାର, ଦୟା, କରୁଣା, ଶାନ୍ତି, ସନ୍ତୋଷ, ଆନନ୍ଦ ତଥା ପାତିବ୍ରତ୍ୟ ଧର୍ମ । ଏହା 'କୁଳବଧୂ' ମହିଳାମାନଙ୍କର ଭୂଷଣ । ଏହି ଶବ୍ଦଟିରେ ସ୍ନେହ, ସମ୍ମାନ, ମହତ୍ତ୍ୱ, ମର୍ଯ୍ୟାଦା ଇତ୍ୟାଦି ଗୁଣ ପରିପୂର୍ଣ୍ଣ । ଏହା ପ୍ରାପ୍ତହୁଏ ଭଗବାନଙ୍କ ଆଶ୍ରୟରେ । ଶିଶୁ ଅବସ୍ଥାରେ ସାଧାରଣ କର୍ମ ଦ୍ୱାରା ଯେଉଁ ଭଗବତ୍ ଭକ୍ତି ପ୍ରାପ୍ତହୁଏ, ପ୍ରାପ୍ତବୟସ୍କ ଅବସ୍ଥାରେ ବହୁତ ପ୍ରୟାସ, କଷ୍ଟସାଧ୍ୟ ସାଧନାରେ ମଧ୍ୟ ତାହା ପ୍ରାପ୍ତହେବା କଠିନ ହୁଏ । ପିଲାମାନଙ୍କୁ କିପରି ସରଳରେ ଭଗବତ୍ ଭକ୍ତି, ଦିବ୍ୟଗୁଣ ପାପ୍ତ ହୁଏ, ତାହାର ଗୋଟିଏ ସରଳ ଉଦାହରଣ ହେଉଛି ବାଳକ 'ମୋହନ' ।

ମୋହନ ଥିଲା ଗୋଟିଏ ଗରିବ ବିଧବା ବ୍ରାହ୍ମଣୀର ସନ୍ତାନ । ଶିଶୁ ଅବସ୍ଥାରେ ତା'ର ପିତୃବିୟୋଗ ଘଟିଥିଲା । ନିରାଶ୍ରୟା ବ୍ରାହ୍ମଣୀ କେବଳ ମୋହନ ପ୍ରତି ଅପତ୍ୟସ୍ନେହରେ ବଶ ହୋଇ ପତି-ବିୟୋଗର ଦାରୁଣ ଦୁଃଖକୁ ସହ୍ୟକରି ଜୀବନ ଧାରଣ କଲା । ଘର ବୋଲି ଗୋଟିଏ ମାଟିକାନ୍ଥର କୁଡ଼ିଆ ମାତ୍ର । ବ୍ରାହ୍ମଣୀର ଜମିବାଡ଼ି, ଧନ ସମ୍ପତ୍ତି ସବୁକିଛି କେବଳ ମୋହନ । ମୋହନ ବ୍ୟତିରେକେ ତାହାର ଆଉ କିଛି ନ ଥିଲା । ଦୁଃଖ-କଷ୍ଟରେ ପରିଶ୍ରମ କରି ନିଜେ ନ ଖାଇ ନ ପିଇ ସେ ମୋହନକୁ ପାଳନ-ପୋଷଣ କଲା । ମୋହନ ତ' ଶିଶୁ । ସେ କ'ଣ ଜାଣେ ଯେ ତା'ର ମା'ର କିଛି ନାହିଁ । ଅନ୍ୟ ପିଲାଙ୍କ ଭଲ ପିନ୍ଧିବା, ଭଲ ଖାଇବା ଦେଖି ମା' ପାଖରେ ସେହିସବୁ ବସ୍ତୁ ପାଇଁ ଅଳିକରେ । ମା' ତାକୁ ନିଜ ଛାତିରେ ଲଗେଇ ନିଜ ଆଖିରୁ କୋଳିପରି ଲୁହ ଝାଡ଼ିଦିଏ । ପଣନ୍ତ କାନିରେ ଆଖି ପୋଛି ମୋହନକୁ କୌଣସି ପ୍ରକାରେ ବୁଝାଇ ଶାନ୍ତ କରେ । ମୋହନର ବୟସ ସେତେବେଳକୁ ସାତ ଆଠ ବର୍ଷ । ବ୍ରାହ୍ମଣ ପିଲା, କିଛି ଅଧ୍ୟୟନ କରିବାକୁ ହେବ । ସେତେବେଳେ ତ ସ୍କୁଲ ନ ଥିଲା । ପିଲାମାନେ ଗୁରୁଗୃହକୁ ପଢ଼ିବାକୁ ଯାଆନ୍ତି । ସେମାନଙ୍କର ଗୁରୁଗୃହରେ ରହିବା ବାବଦ ସମସ୍ତ ଖର୍ଚ୍ଚ ପିତାମାତା ବହନ କରନ୍ତି । ଯେଉଁ ବାଳକମାନେ ନିକଟରେ ରହନ୍ତି ସେମାନେ ଗୁରୁଙ୍କ ପାଖରେ ପଢ଼ି ଘରକୁ ଫେରି ଯାଆନ୍ତି ।

ଦରିଦ୍ର ବ୍ୟକ୍ତିର ସମାଜରେ ନ ଥାଏ ଆଦର ନା ଥାଏ ସମ୍ମାନ । ତାକୁ ଦେଖିଲେ ଲୋକେ ମୁହଁ ବୁଲେଇ ଚାଲି ଯାଆନ୍ତି । ବିଧବା ବ୍ରାହ୍ମଣୀ ମୋହନକୁ ସଙ୍ଗରେ ନେଇ ଗୁରୁଙ୍କ ପାଖକୁ ଯାଇ ନିଜର ଦାରିଦ୍ର୍ୟ ଅବସ୍ଥା ଜଣାଇ ମୋହନର ଶିକ୍ଷା ପାଇଁ ପ୍ରାର୍ଥନା କଲା । ସେହି ସଦାଚାରୀ ବ୍ରାହ୍ମଣ ଗୁରୁ ଯଦ୍ୟପି ଧନୀ ନ ଥିଲେ, ତଥାପି ଥିଲେ ମହତ୍ ଆଉ ଉଦାର । ସେ ମୋହନକୁ ଶିକ୍ଷା ଦେବା ନିମିତ୍ତ ସହର୍ଷେ ସ୍ୱୀକାର କଲେ । ଗ୍ରାମର ଅନ୍ୟ ପିଲାମାନେ ପଢ଼ିବାକୁ ଯାଆନ୍ତି । ମୋହନର ମା' କହିବୋଲି ମୋହନକୁ ସେହି ପିଲାମାନଙ୍କ ସଙ୍ଗେ ପଢ଼ିବାକୁ ପଠାନ୍ତି । ଗୁରୁଙ୍କ ଘର ମୋହନର ଘରଠାରୁ ଦୂରରେ ଅନ୍ୟ ଏକ ଗ୍ରାମରେ । ଅନ୍ୟ ପିଲାମାନଙ୍କୁ ଆଣିବାକୁ ସେମାନଙ୍କର ପିତା, ଭାଇ ଅଥବା ଚାକର ଯାଆନ୍ତି । କିନ୍ତୁ ବିଚରା ମୋହନର କିଏ ଅଛି ଯେ ତାକୁ ଆଣିବାକୁ ଯିବ ! ମୋହନ ଦିନେ ତା'ର ମା'କୁ କହିଲା, ''ମା', ମୁଁ ଏକା ଆସିବା ସମୟରେ ସନ୍ଧ୍ୟା ହୋଇ ଯାଇଥିଲା, ମୋତେ ଡର ମାଡ଼ିଲା । ତୁ ଅଧବାଟକୁ ନ ଯାଇଥିଲେ ମୁଁ କ'ଣ କରିଥା'ନ୍ତି ? ସବୁ ପିଲାଙ୍କୁ ଆଣିବାକୁ ତାଙ୍କ ପିତା, ଭାଇ କିଂବା ଚାକର ଯାଆନ୍ତି; ଆମର କ'ଣ କେହି ନାହାନ୍ତି ମା' ?'' ଏକଥା ଶୁଣିବା ମାତ୍ରେ ମା'ର ହୃଦୟ ବିଦୀର୍ଣ୍ଣ ହୋଇଗଲା । ତା'ର ଆଉ କିଏ ଅଛି ଏଇ ମୋହନ ଛଡ଼ା ?

ମୋହନ ମା'ର ବାଲ୍ୟାବସ୍ଥାରୁ ଶ୍ରୀକୃଷ୍ଣଭକ୍ତି ତା' ହୃଦୟରେ ଅଙ୍କୁରିତ ହୋଇଥିଲା । ସେହି ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ସେ ପତିବିୟୋଗ ଓ ଦାରିଦ୍ର୍ୟ ଅବସ୍ଥାରେ ମଧ୍ୟ ବିଚଳିତ ହୋଇ ନ ଥିଲା । ସେ କହିଲା, ''ମୋହନ, ତୋର ଗୋଟିଏ ଭାଇ ଅଛି ।'' ମୋହନ କୌତୂହଳ ଓ ଆଗ୍ରହରେ ପଚାରିଲା, ''ମୋ ଭାଇର ନାମ କ'ଣ, ସେ କେଉଁଠାରେ ଥାଏ; ଆମ ଘରକୁ ଆସେ ନାହିଁ କାହିଁକି ?'' ମା' କହିଲା, ''ତା'ର ବହୁତ କାମ; ସେ ବଡ଼ ଉଦାର; ଯେ ବିପଦରେ ପଡ଼ି

ତାକୁ ଡାକେ, ସେ ତା' ଘରକୁ ଯାଏ; ତାଙ୍କୁ ବିପଦରୁ ରକ୍ଷା କରେ । ଆମେ କେବେ ଡାକି ନାହୁଁ, ତେଣୁ ସେ ଆସି ନାହିଁ ।'' ମୋହନ ପୁଣି ପଚାରିଲା, ''ମା', ତୁ କାହିଁକି ଡାକୁ ନାହୁଁ ? ତା' ପ୍ରତି ତୋର କ'ଣ ସ୍ନେହ ନାହିଁ ? ମୁଁ ତ' ମୋ ଭାଇକି ନ ଦେଖି ରହିପାରୁ ନାହିଁ ? ମା', ତୁ କହ ସେ କେଉଁଠି ଅଛି । ମୁଁ ତା ପାଖକୁ ଯିବି ।'' ''ତୁ ଯେଉଁ ବାଟେ ଆସୁ, ସେ ସେହି ଜଙ୍ଗଲରେ ଥାଏ । ଯେବେ ସନ୍ଧ୍ୟା ହୋଇଯିବ, ତୁ ତାକୁ ଡାକିଲେ ସେ ଆସିବ । ତା'ର ନା ହେଉଛି କହ୍ନେଇ ।'' ଏହା ତା'ର ମା' କହିଲେ ।

ମୋହନର ମନ ବଡ଼ ବ୍ୟଗ୍ର ହେଲା ତା'ର ଭାଇକୁ ଦେଖିବାକୁ । ଦୈବାତ୍ ସେଦିନ ଗ୍ରାମର ପିଲା କେହି ଯାଇ ନ ଥିଲେ । ମୋହନ ଆସିଲା ବେଳକୁ ମାଛି ଅନ୍ଧାର ହୋଇଯାଇଛି । ଶୂନ୍‌ଶାନ୍ ଛୋଟ ଝାଡ଼ ଜଙ୍ଗଲରେ ବିଲୁଆ, କୋକିଶିଆଳି ବୋବାଉ ଥିଲେ । ମୋହନକୁ ଡର ମାଡ଼ିଲା । ସେ ଉଚ୍ଚସ୍ୱରରେ ଡାକିଲା, ''ଭାଇ, ଭାଇ, କହ୍ନେଇ ଭାଇ; ଜଲଦି ଆ', ମୋତେ ଡର ମାଡୁଛି । ଆଜି ମୁଁ ଏକା ।'' କିନ୍ତୁ କୌଣସି ଉତ୍ତର ନାହିଁ । ମୋହନ ଭୟଭୀତ ହୋଇ କାନ୍ଦି କାନ୍ଦି ଡାକିଲା, ''ଭାଇ, ଜଲ୍‌ଦି ଆସ, ମୋତେ ଭାରି ଡର ମାଡୁଛି ।'' ଦୂରରୁ ମଧୁର ତଥା ଗମ୍ଭୀର ଉତ୍ତର ମିଳିଲା, ''ମୋହନ, ମୁଁ ଆସୁଛି ।''

ଗୋଟାଏ ପ୍ରକାଶପୁଞ୍ଜ ମଧ୍ୟରେ କହ୍ନେଇ ଭାଇକୁ ଦେଖି ମୋହନ ମୁଗ୍ଧ ହୋଇଗଲା ଓ ତା'ର ରୂପଲାବଣ୍ୟମୟ ମୂର୍ତ୍ତିକୁ ଦେଖି ସେ ନିର୍ନିମେଷ ନୟନରେ ଚାହିଁ ରହିଲା । ସେ ଆନନ୍ଦ ବିଭୋରରେ ଦୌଡ଼ିଯାଇ କୁଣ୍ଢେଇ ପକାଇ ଆନନ୍ଦାଶ୍ରୁ ସହ କହିଲା, ''ଭାଇ, ତୁ ଏଇଠି ଅଛୁ, ମୁଁ ପ୍ରତିଦିନ ଏଇବାଟେ ଯାଉଛି, ତୁ ଦିନେ ହେଲେ ମୋତେ ଦେଖା ଦେଉ ନାହୁଁ ।'' କହ୍ନେଇ ଭାଇ ମୋହନକୁ କୋଳକୁ ନେଇ ହୃଦୟରେ ଲଗାଇ କହିଲେ, ''ତୁ କ'ଣ ମୋତେ କେବେ ଡାକିଥିଲୁ ? ଆଜି ଡାକିଲୁ ତ' ମୁଁ ଆସିଲି । ତୋତେ ଯେତେବେଳେ ଡର ମାଡ଼ିବ, ମୋତେ ଡାକିଲେ ମୁଁ ଆସିବି । ଚାଲ, ତୋତେ ଘରେ ଛାଡ଼ିଦେଇ ଆସିବି ।'' ''ଭାଇ, ତୁ କାହିଁକି ଆମ ଘରେ ରହୁ ନାହୁଁ ? ତୁ ଆମ ଘରେ ରହ, ତୋତେ ଛାଡ଼ି ମୁଁ ରହିପାରିବି ନାହିଁ; ତୋ ଛଡ଼ା ମୋତେ ଆଉ କିଛି ଭଲ ଲାଗୁ ନାହିଁ ।'' ମୋହନ କହିଲା ।

ତା'ର କହ୍ନେଇ ଭାଇ ତାକୁ ଘରକୁ ନେଇଗଲା । ମୋହନର ମା'ର ଡାକ ଶୁଣି ସେ କହିଲା, ''ଯା ମୋହନ ଘରକୁ, ମା' ଡାକୁଛନ୍ତି ।''

ମୋହନ ମା'କୁ କହିଲା, ''ମାଆ ଆଜି ବାଟରେ ମୋତେ ବଡ଼ ଡର ଲାଗିଲା । ମୁଁ କହ୍ନେଇ ଭାଇକୁ ଡାକିଲି; ପ୍ରଥମରେ ତ' ସେ ଶୁଣିଲା ନାହିଁ, କିନ୍ତୁ ମୁଁ କାନ୍ଦିବାରୁ ଆସି ଛାଡ଼ିଦେଇ ଗଲା । ମା' କହ୍ନେଇ ଭାଇ ଏତେ ସୁନ୍ଦର ! ତୁ ତାକୁ ଛାଡ଼ି ରହିଛୁ କିପରି ?'' ମୋହନର ସତ୍ୟ-ସୁନ୍ଦର ବାକ୍ୟରେ ମା'ଙ୍କର ବିଶ୍ୱାସ ହେଲା । ସେ ଆନନ୍ଦରେ ପ୍ଲାବିତ ହୋଇ ମୋହନକୁ ହୃଦୟରେ ଲଗାଇ କହିଲେ, ''ମୋ କୋଳ ଆଜି ପବିତ୍ର ହୋଇଗଲା; ମୁଁ ଧନ୍ୟହେଲି । କହ୍ନେଇ, ପ୍ରକୃତରେ ଅନାଥର ନାଥ, ଦରିଦ୍ର ସଙ୍ଗାଳି । କହ୍ନେଇ, ଏ ଦୁଃଖିନୀକୁ ଥରେ ମାତ୍ର ଦେଖାଦେବୁ ନାହିଁ ? ମୁଁ ତ' ଧ୍ୟାନ, ଧାରଣା, ଜପ, ତପ, ବ୍ରତ କିଛି ଜାଣେ ନାହିଁ । ଏକ ଦରିଦ୍ରା ଅନାଥା, ତୁ କ'ଣ କେବଳ ଋଷି ମୁନିଙ୍କୁ ଦେଖା ଦେଉ ? ଯଶୋଦା କେଉଁ ତପସ୍ୟା କରିଥିଲେ, ତାଙ୍କ ହାତରୁ ଲହୁଣି ଖାଇବାକୁ ଅଳିକରି କାନ୍ଦୁଥିଲୁ, ତା' ହାତରେ ଦଉଡ଼ିରେ ବନ୍ଧା ହେଉଥିଲୁ; ସେ ପିଟିବାକୁ ଛାଟ ଉଠାଇବା ସମୟରେ ଭୟରେ କାନ୍ଦି କାନ୍ଦି ଲୁହ ବୁହାଉଥିଲୁ । ବାପା ! ଥରେ ମୋ କୋଳକୁ ଆ', ମୁଁ ତୋର ମୁଖଚନ୍ଦ୍ରମାକୁ ପେଟ ପୂରାଇ ଦେଖିନିଏ । ଏଇ ଦୁଃଖିନୀଟାକୁ ଦୟାକର । ମୁଁ ଦରିଦ୍ରା, ମୁଁ ତୋତେ ଧନ ମାଗୁ ନାହିଁ, ମାଗୁଛି ତୋର ଦର୍ଶନ ମାତ୍ର ।'' ବ୍ରାହ୍ମଣୀ ବ୍ୟାକୁଳ ହୋଇ ଅଶ୍ରୁପାତ କରି ମୂର୍ଚ୍ଛିତା ହୋଇଗଲା । କହ୍ନେଇ ଆସି ତା'ର କୋମଳ, ଶୀତଳ ହସ୍ତରେ ମା' ଶିରକୁ ସ୍ପର୍ଶ କରି କହିଲା, ''ମା' ମୁଁ ଆସିଛି, ଉଠ ।'' ମା' ଆଖିଖୋଲି କହ୍ନେଇକୁ ଦେଖି ହୃଦୟରେ ଲଗାଇ ନେଲା ।

ମୋହନର ବିଦ୍ୟାଗୁରୁଙ୍କ ପିତାଙ୍କ ବାର୍ଷିକ ଶ୍ରାଦ୍ଧ ଦିନ ଆସିଲା । ଶ୍ରାଦ୍ଧରେ ଯୋଗଦେବା ସକାଶେ ସବୁ ବିଦ୍ୟାର୍ଥୀଙ୍କୁ ସେ ନିମନ୍ତ୍ରଣ କଲେ; ମୋହନକୁ ମଧ୍ୟ କହିଲେ । ମୋହନ ମା'ର ଦାରିଦ୍ର୍ୟ ତାଙ୍କୁ ଅଗୋଚର ନ ଥିଲା, ସେଥିପାଇଁ ସେ ମୋହନକୁ କହିଲେ, ''ତୋତେ କିଛି ଆଣିବାକୁ ପଡ଼ିବ ନାହିଁ, ତୁ କେବଳ ଶ୍ରାଦ୍ଧରେ ଯୋଗଦେବୁ ।'' ମୋହନ କିନ୍ତୁ

ବହୁତ ଆଗ୍ରହରେ କହିଲା, ''ନା, ମୁଁ ଖାଲି ହାତରେ ଆସିବି ନାହିଁ, କ'ଣ ଆଣିବି କୁହନ୍ତୁ ।'' ମୋହନର ଏତେ ଆଗ୍ରହ ଭାଙ୍ଗି ନ ପାରି ଗୁରୁ କହିଲେ, ''ଗୋଟିଏ ଛୋଟ ଲୋଟାରେ ଏକ ଲୋଟା ଦୁଧ ଆଣିବୁ ।'' ସେ ଭାବିଥିଲେ ଯେ ଦୁଧ ମିଳିବାରେ କିଛି ଅସୁବିଧା ହେବ ନାହିଁ । ମୋହନ ଘରକୁ ଯାଇ ମା'କୁ କହିଲା, ''କାଲି ଗୁରୁଙ୍କ ପିତୃଶ୍ରାଦ୍ଧ, ମୁଁ ଲୋଟାଏ ଦୁଧ ନେଇକରି ଯିବି ।'' ''ତୋ କହ୍ନେଇ ଭାଇଠାରୁ ନେଇଯିବୁ ।'' ମା' କହିଲେ ।

ମୋହନ ତହିଁ ଆରଦିନ ସକାଳୁ ଖୁବ୍ ଶୀଘ୍ର ସ୍ନାନ ଶୌଚ ଶେଷକରି ଲୁଗା ପିନ୍ଧି ଗୁରୁଙ୍କ ଘରକୁ ବାହାରିଲା । ସେ ଡାକିବା ମାତ୍ରେ କହ୍ନେଇ ଭାଇ ଦୁଧ ଲୋଟାଏ ଦେଇଦେଲେ । ମୋହନ ଆନନ୍ଦରେ ଦୁଧ ନେଇ ଚାଲିଲା । ଆଜି ଯେପରି ତାକୁ କୋଟିନିଧି ପ୍ରାପ୍ତ ହୋଇଛି । ମୋହନ ଜୀବନରେ କେବେ ଦୁଧ ଦେଖିଥିଲା କି ନାହିଁ ସନ୍ଦେହ । ଆଜି ତା'ର କହ୍ନେଇ ଭାଇ ହାତରୁ ଦୁଧ ପାଇଥିବାରୁ ଆନନ୍ଦରେ ହୃଦୟ ଉଚ୍ଛୁଳି ପଡୁଛି । ଏହି ଆନନ୍ଦ ଅବସ୍ଥାରେ ଗୁରୁଗୃହରେ ଉପସ୍ଥିତ ହେଲା । ସେ ସମୟରେ ବହୁ ଶିଷ୍ୟ ଘିଅ, ଚିନି, ଲୁଗା ଆଦି ବହୁ ମୂଲ୍ୟବାନ୍ ବସ୍ତୁ ଗୁରୁଜିଙ୍କ ଚରଣରେ ଅର୍ପଣ କରୁଥା'ନ୍ତି । ସେହି ସବୁ ବସ୍ତୁ ପ୍ରସନ୍ନତା ସହ ଦେଖିବାରେ ଗୁରୁଜି ବ୍ୟସ୍ତ ଥାଆନ୍ତି । ମୋହନ ଦୁଧ ଲୋଟାଟି ହାତରେ ଧରି ଗୁରୁଙ୍କୁ ଘେରି ରହିଥିବା ଶିଷ୍ୟମାନଙ୍କୁ ଆଡ଼େଇ ଅତ୍ୟନ୍ତ ଆନନ୍ଦରେ ଗୁରୁଙ୍କ ଚରଣରେ ପ୍ରଣାମ କରି ସଙ୍କେତରେ ଦୁଧ ଲୋଟାଟି ଦେଖାଇ ଦେଲା । ଗୁରୁଜି ମୋହନ ତଥା ଦୁଧ ଲୋଟାଟିକୁ ଦେଖିଲେ; କିନ୍ତୁ ବହୁମୂଲ୍ୟ ଭେଟି ଦେଖି ବ୍ୟସ୍ତ ଥିବାରୁ ସ୍ନେହରେ ଆଦର କଲେ ନାହିଁ କିଂବା ଦୁଧ ଲୋଟାଟି ନିଜ ହାତରେ ନେଲେ ନାହିଁ । ଅନ୍ୟାନ୍ୟ ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ ।

ମୋହନର ଅନ୍ତର ପ୍ରଦେଶରେ ଯଦିଓ ପରମାନନ୍ଦ ପୂର୍ଣ୍ଣ ଥିଲା, ତଥାପି ବାହାର ପ୍ରକୃତିରେ ଥିଲା ବାଲ୍ୟଚପଳତା । ସେହି କାରଣରୁ ଦରିଦ୍ର ମୋହନ ଦୃଷ୍ଟିରେ ଅନ୍ୟାନ୍ୟ ଭେଟି ଅପେକ୍ଷା ଛୋଟ ଦୁଧ ଲୋଟାଟିର ମୂଲ୍ୟ କମ୍ ନ ଥିଲା । ସେ ଗୁରୁଙ୍କୁ ବାରଂବାର ଡାକି ଦୁଧ ଲୋଟାଟି ବଢ଼ାଇ ଦେଲା । ମୋହନର ବାରଂବାର ଅନୁରୋଧରେ ଗୁରୁଜି ସାମାନ୍ୟ ବିରକ୍ତ ହୋଇ ଜଣକୁ କହିଲେ, ''ଏ ପିଲାର ଦୁଧ ଢାଳି ଲୋଟାଟିକୁ ଦେଇଦେ ।'' ଲୋଟାଟି ଥିଲା ଛୋଟ । ତେଣୁ ସେ ବ୍ୟକ୍ତି ଗୋଟିଏ ଛୋଟିଆ ପାତ୍ରରେ ଦୁଧତକ ଢାଳିଲା । କିନ୍ତୁ ଦୁଧ ନ ସରିବାରୁ କଂସାରେ ଢାଳିଲା, ତେବେ ବି ନ ସରିବାରୁ ଗୋଟିଏ ଗରାରେ ଢାଳିଲା । ଏହିପରି କେତେ ପାତ୍ର ପୂର୍ଣ୍ଣ ହେବା ପରେ ବି ଆହୁରି ଦୁଧ ଲୋଟାରେ ରହିଲା । ଏଥିରେ ସେ ପିଲା ଆଶ୍ଚର୍ଯ୍ୟ ହୋଇ ଗୁରୁଙ୍କୁ ଦେଖାଇଲା । ଗୁରୁ ନିଜ ସାମ୍ନାରେ ଗୋଟିଏ ବହୁତ ବଡ଼ ପାତ୍ରରେ ଦୁଧ ଢାଳିବାକୁ କହିଲେ । ଏତେ ବଡ଼ ପାତ୍ର ପୂର୍ଣ୍ଣ ହୋଇଗଲା; କିନ୍ତୁ ମୋହନର ଛୋଟ ଲୋଟାଟିରୁ ଦୁଧ ଶେଷ ହେଲା ନାହିଁ । ସ୍ୱଚକ୍ଷୁରେ ଗୁରୁଜି ଏହି ଘଟନା ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କିଛି ସମୟ ସ୍ତମ୍ଭୀଭୂତ ହେବାପରେ ମୋହନ ଆଡ଼କୁ ଚାହିଁ ପଚାରିଲେ; ''ଏ ଦୁଧ କିଏ ଦେଇଥିଲା ?''

''ମୋ ଭାଇ ।''

''ତୋ ଭାଇ କେଉଁଠି ଥାଏ ?''

''ମୋ ଯିବା ବଣ-ବାଟରେ । ଯେଉଁ ଦିନ ଅନ୍ଧାର ହୋଇଥାଏ, ସେଦିନ ସେ ମୋତେ ନେଇ ଆମ ଘରେ ଛାଡ଼ି ଦେଇ ଆସେ ।''

ଗୁରୁ କିଛି ସମୟ ଭାବି ନୀରବରେ ଛିଡ଼ା ହେବା ପରେ ମୋହନକୁ ନିଜ କୋଳକୁ ଉଠାଇ ନେଇ ଏକାନ୍ତରେ ଯାଇ କହିଲେ, ''ଆଜି ତୁ ଏକା ଯିବୁ ନାହିଁ, ଶ୍ରାଦ୍ଧ କାର୍ଯ୍ୟ ଶେଷ କରି ସନ୍ଧ୍ୟାବେଳେ ମୁଁ ତୋ ସହିତ ଯିବି । ତୋ ଭାଇକୁ ମୋତେ ଦେଖାଇ ଦେବୁ କି ?''

''ମୋ ଭାଇକୁ ମୁଁ ଯେବେ ଡାକେ ସେ' ତ ମୋ ପାଖକୁ ଆସେ, ଆଉ ଦେଖାଇ ଦେବାର କ'ଣ ଅଛି ? ଆଜି ଆପଣ ମୋ ସଙ୍ଗେ ଚାଲନ୍ତୁ, ନିଶ୍ଚୟ ଦେଖି ପାରିବେ ।''

ମୋହନ ଆଣିଥିବା ଦୁଧରେ ହେଲା ଖିରି । ଯଦ୍ୟପି ବହୁ ପ୍ରକାର ମିଷ୍ଟାନ୍ନ ପରଶା ହୋଇଥିଲା, ତଥାପି ସମସ୍ତେ ଖାଉଥିଲେ କେବଳ ସେହି ଖିରିକୁ । ତାହାର ଥିଲା ଅସରନ୍ତି ଭଣ୍ଡାର; ଅଲୌକିକ ସ୍ୱାଦ । ଭୋଜନାର୍ଥୀମାନେ ପଶ୍ଚାତ୍ତାପ

କରୁଥା'ନ୍ତି, ''ତାଙ୍କ ପେଟ ଯଦି ଗୋଟିଏ ପୋଖରୀ ହୋଇଥାଆନ୍ତା ତେବେ ସେମାନଙ୍କୁ ସନ୍ତୋଷ ହୋଇଥା'ନ୍ତା ।'' ସେମାନଙ୍କୁ ଏପରି ସ୍ୱାଦ ପ୍ରାପ୍ତ ହେବାର ସୌଭାଗ୍ୟ କେବେ ଜୀବନରେ ମିଳି ନ ଥିଲା । ସେମାନେ ଭୋଜନ କରି କେବଳ କ୍ଷୁଧା ତୃପ୍ତି କଲେ ନାହିଁ, କିନ୍ତୁ ଜନ୍ମ-ମରଣ ଦ୍ୱନ୍ଦ୍ୱ, ବାସନା-କାମନା ତୃଷାରୁ ଚିରଦିନ ପାଇଁ ମୁକ୍ତ ହୋଇଗଲେ ।

ସନ୍ଧ୍ୟା ହୋଇଗଲା । ଗୁରୁ ସମସ୍ତ କାର୍ଯ୍ୟ ଶେଷ କରି ମୋହନକୁ କାନ୍ଧରେ ବସାଇ ତା' ଘର ଅଭିମୁଖେ ଚାଲିଲେ । ଜଙ୍ଗଲ ଆସିଲା । ''ମୋ କହ୍ନେଇ ଭାଇ ଏହି ଜଙ୍ଗଲରେ ରହେ'' କହି ମୋହନ ଉତ୍ସାହର ସହିତ ଗୁରୁଙ୍କ କାନ୍ଧରୁ ଓହ୍ଲେଇ ପଡ଼ି ଭାଇକୁ ଡାକିଲା, ପ୍ରତ୍ୟୁତ୍ତର ନାହିଁ । ମୋହନ ବ୍ୟାକୁଳ ହୋଇ ଟିକିଏ ବିରକ୍ତ ସ୍ୱରରେ କହିଲା, ''ମୋ ଗୁରୁ ତୋତେ ଦେଖିବାକୁ ଏତେ ପରିଶ୍ରମ କରି ଆସିଛନ୍ତି, ଆଜି ତୋର କ'ଣ ହୋଇଗଲା କି ତୁ ଆସୁ ନାହୁଁ ?''

''ତୋ ଗୁରୁ ତୋ ସଙ୍ଗେ ଅଛନ୍ତି, ଆଜି ତୁ ଏକା ନୋହୁଁ ।''

''ନାହିଁ, ନାହିଁ, କହ୍ନେଇ ଭାଇ, ଏପରି କହ ନାହିଁ । ମୋ ଗୁରୁଙ୍କୁ ଥରେ ଦେଖାଦେଇ ଯା' ।''

ଗୁରୁ : ମୋହନ, ତୋ କହ୍ନେଇ ଭାଇ କାହିଁ ?

''ତୁମେ ଶୁଣୁ ନାହଁ ? ସେ ପରା କହୁଛି; ତୋ ଗୁରୁ ତୋ ସଙ୍ଗେ ଅଛନ୍ତି, ମୋ ଆସିବାର ପ୍ରୟୋଜନ ନାହିଁ ।''

''ମୁଁ ତ କିଛି ଶୁଣିପାରୁ ନାହିଁ ।''

''କହ୍ନେଇ ଭାଇ, ତୁ ବଡ଼ ମାୟାବୀ । ମୋ ସଙ୍ଗେ କଥାବାର୍ତ୍ତା କରୁଛୁ, ମୋ ଗୁରୁ କିଛି ଶୁଣିପାରୁ ନାହାନ୍ତି । ଗୁରୁ ମୋତେ କହିବେ ମିଛୁଆଟାଏ । ନା, ନା, ଥରେ ହେଲେ ଦେଖା ଦେ' ।''

''ମୋହନ, ତୋ ଗୁରୁ ପଣ୍ଡିତ, କିନ୍ତୁ ତୋ ପରି ତାଙ୍କର ହୃଦୟ ସରଳ, ନିଷ୍କପଟ, ପବିତ୍ର ନୁହେଁ । ସେ ମୋ ଦର୍ଶନର ଅଧିକାରୀ ନୁହନ୍ତି; କେବଳ ତୋ ସମ୍ପର୍କରୁ ମୋ ପ୍ରକାଶପୁଞ୍ଜ ସେ ଦର୍ଶନ କରି ପାରିବେ ।''

ଗୁରୁ ପ୍ରକାଶପୁଞ୍ଜ ଦର୍ଶନ କରି ଆନନ୍ଦ ସମାଧିରେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ପଡ଼ିଲେ ।

ମୋହନର ଥିଲା କ'ଣ ? ଥିଲା ସରଳ ନିଷ୍କପଟ ବିଶ୍ୱାସ । ସରଳତାରେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ତର୍କରେ ନୁହେଁ । ବାଳିକାମାନଙ୍କ ହୃଦୟ ପ୍ରକୃତରେ ସରଳ ଓ ପବିତ୍ର । ସେମାନେ ବିଶ୍ୱାସ କଲେ ଅକ୍ଳେଶରେ ଭଗବତ୍ ପ୍ରାପ୍ତି କରିପାରନ୍ତି । ପ୍ରତ୍ୟେକ ବାଳିକାର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି କରିବା ଉଚିତ । ସବୁଠାରୁ ସରଳ ଉପାୟ ହେଲା ଭକ୍ତମାନଙ୍କର ଚରିତ୍ର ଅଧ୍ୟୟନ କରିବା । ତଦ୍ୱାରା ସେମାନଙ୍କ ହୃଦୟରେ ସ୍ୱତଃସ୍ଫୂର୍ତ୍ତଭାବେ ଭଗବତ୍ ପ୍ରେମ ଜାଗ୍ରତ ହୁଏ । କାରଣ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ପ୍ରେମ-ତତ୍ତ୍ୱ ଥାଏ । କେବଳ ସମ୍ପର୍କ ଏବଂ ପ୍ରବୃତ୍ତି ଅନୁସାରେ ତାହା ଭଗବଦଭିମୁଖୀ ହୋଇପାରେ ଅଥବା ମାନୁଷୀ ପ୍ରେମରେ କଳୁଷିତ ହୋଇପାରେ ।

## ବାଳିକାମାନଙ୍କର ଦୈନିକ କର୍ମ

୧. କୌଣସି ବିପଦ ଆସିଲେ ଭଗବାନଙ୍କୁ ଅଥବା ମା'ଙ୍କୁ ପ୍ରାର୍ଥନା କର; ତୁମ ପ୍ରାର୍ଥନା ହୃଦୟର ଗଭୀରରୁ ଆସିଲେ ତତ୍କ୍ଷଣାତ୍ ତା'ର ଉତ୍ତର ପାଇବ ।

୨. ସତ୍ୟ କହିବ । ଯେଉଁ କାର୍ଯ୍ୟରେ ମିଥ୍ୟା କହିବାକୁ ହୁଏ ତାହା ବର୍ଜନ କରିବ ।

୩. ଶୋଇବା ସମୟରେ ଏବଂ ଉଠିବା ସମୟରେ ମା'ଙ୍କୁ ପ୍ରାର୍ଥନା କରିବ, ''ମା', ମୋତେ ସଦ୍‌ବୁଦ୍ଧି, ଜ୍ଞାନ, ସାହସ, ଧୈର୍ଯ୍ୟ ଦିଅ । ମୋତେ ସନ୍ମାର୍ଗରେ ପରିଚାଳିତ କର । ଅସତ୍ୟର ପ୍ରତିରୋଧ ସକାଶେ ଶକ୍ତି ଦିଅ । ସଂସାରରେ ସତ୍ୟ-ସ୍ଥାପନ କାର୍ଯ୍ୟରେ ମୋତେ ଯନ୍ତ୍ର କରିନିଅ । ନିଦ୍ରାବସ୍ଥାରେ ଅଚେତନା ଗହ୍ୱରରେ ପତିତ ନ ହୋଇ ଯେପରି ତୁମ ପ୍ରଭାବରେ ରହିପାରେ, ସେ ସକାଶେ କୃପାକର ।''

୪. ପଢ଼ିବା ପୂର୍ବରୁ ଦୁଇ ତିନି ମିନିଟ୍ ନୀରବରେ ରହି ପ୍ରାର୍ଥନା କର, ''ମୋତେ ଏକାଗ୍ରତା, ସ୍ମରଣ ଶକ୍ତି ଦିଅ, ଯେପରି ବିଦ୍ୟାଧ୍ୟୟନ ଉତ୍ତମ ରୂପେ କରି ତା'ର ସଦୁପଯୋଗ କରିପାରେ ।'' ପଢ଼ିବା ଶେଷରେ ଦୁଇ ତିନି ମିନିଟ୍

ନୀରବ ହୋଇ ପଡ଼ିଥିବା ବିଷୟକୁ ମା'ଙ୍କ ପାଖରେ ଅର୍ପଣ କରିବ । ଅର୍ଥାତ୍ କହିବ, ''ମୁଁ, ମୋର ଯାହାକିଛି ତଥା ଯାହା ପଢ଼ିଲି, ତା' ତୁମ ଚରଣରେ ସମର୍ପଣ କରୁଅଛି ।''

୫. ଭୋଜନ ଦ୍ରବ୍ୟସବୁ ମା'ଙ୍କୁ ସମର୍ପଣ କରିବ । ମନେ କରିବ ମା' ମୋ ମଧ୍ୟରେ ରହି ଏହି ଭୋଜନ କରୁ ଅଛନ୍ତି । ମନୁଷ୍ୟ ଯେପରି ବସ୍ତୁ ଭୋଜନ କରେ, ଭୋଜନ କରିବା ସମୟରେ ତା'ର ଯେପରି ମନୋଭାବ ଥାଏ, ସେହିପରି ଭାବ ତା'ର ସ୍ୱଭାବରେ ପରିଣତ ହୁଏ । କାରଣ ଭୋଜନର ସତ୍ତ୍ୱ ଅର୍ଥାତ୍ ରସ ମନୁଷ୍ୟର ସମସ୍ତ ଅବୟବକୁ ଶକ୍ତିରୂପେ ପ୍ରାପ୍ତ ହୁଏ; ତାହାଦ୍ୱାରା ସେ ଜୀବିତ ରହେ ।

## ଧ୍ୟାନ ଓ ସମର୍ପଣ

୬. ଯେଉଁ ବାଳିକାମାନଙ୍କର ଅଧିକ ଉତ୍ସାହ, ଯେଉଁମାନେ ଧ୍ୟାନ କରିବାକୁ ଚାହାନ୍ତି, ସେମାନେ ଶୋଇବା ସମୟରେ ପାଞ୍ଚ ମିନିଟ୍, ଉଠିବା ସମୟରେ ପାଞ୍ଚ ମିନିଟ୍, ସ୍ନାନ କରିବା ପରେ ପନ୍ଦର ଅଥବା କୋଡ଼ିଏ ମିନିଟ୍ ଧ୍ୟାନ କରି ପାରନ୍ତି ।

## ଧ୍ୟାନର ବିଧି

ଭଗବାନ୍ ଅଥବା ମା'ଙ୍କ ଫଟୋ ସାମନାରେ ରଖ । ଫଟୋକୁ ଭଲ କରି ଦେଖ । ଆଖି ବନ୍ଦ କରି ସେହି ଫଟୋକୁ ଦେଖ । ଯଦି ଦେଖିପାର ତେବେ ହୃଦୟ (ଛାତି) ଭିତରେ ଦେଖ । ସେହି ଫଟୋରେ ମନ ଏକାଗ୍ର କର । ମନ ଏକାଗ୍ର ହୋଇଗଲେ ମସ୍ତକ ଉପରୁ ଶାନ୍ତି ଆସି ନିଜ ମନ-ପ୍ରାଣ-ଶରୀରରେ ପ୍ରବେଶ କରିବା ସକାଶେ ଅପେକ୍ଷା କର । 'ଯୋଗ ଓ ସାଧନା', 'ଲୋକ ସାହିତ୍ୟ', 'ମା' (The Mother) ପୁସ୍ତିକା ନିୟମିତ ରୂପେ ପଢ଼ । ଧ୍ୟାନ ଦ୍ୱାରା ମନ ଏକାଗ୍ର ହୁଏ । ଧ୍ୟାନ ଅଧ୍ୟାତ୍ମ-ସାଧନାରେ ଅପରିହାର୍ଯ୍ୟ ଅଙ୍ଗ ଏବଂ ସଂସାର କାର୍ଯ୍ୟ ଶୁଦ୍ଧ ଓ ନିଖୁଣ ଭାବେ ସମ୍ପାଦନ କରିବାରେ ସହାୟକ ।

୭. ପ୍ରତ୍ୟେକ କର୍ମକୁ, ଘରର ପ୍ରତ୍ୟେକ କାର୍ଯ୍ୟକୁ ମା'ଙ୍କର ଜାଣି ମା'ଙ୍କ ସେବାରୂପେ – ଏପରିକି ସ୍ନାନ, ଭୋଜନ, ଅଧ୍ୟୟନ, ବ୍ୟାୟାମ ଆଦି ସମସ୍ତ କର୍ମକୁ ମା'ଙ୍କ ସେବା ଭାବରେ କର । ସମର୍ପଣ ବିଷୟ ଲୋକ ସାହିତ୍ୟ (ସମର୍ପଣ ଓ ବାଧାବିଘ୍ନ ଏବଂ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ) ଏହି ଦୁଇଟି ପୁସ୍ତକରେ ଆଲୋଚନା କରାଯାଇଛି । ତାହାସବୁ ଭଲ ଭାବେ ପଢ଼ ।

## ବ୍ରହ୍ମଚର୍ଯ୍ୟ

ବାଳିକାମାନଙ୍କର ଜୀବନର ଉନ୍ନତି ଏବଂ ପୂର୍ଣ୍ଣତା ସକାଶେ ଆବଶ୍ୟକ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ । ଏହି ତିନି ବସ୍ତୁ ପରସ୍ପର ସହାୟକ । ଏଥିରୁ ଗୋଟିକୁ ବାଦ୍ ଦେଲେ ଜୀବନର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତି ହୁଏ ନାହିଁ । ପୂର୍ବେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଆଲୋଚନା ହୋଇଅଛି । ବର୍ତ୍ତମାନ ଜୀବନର ଉନ୍ନତିରେ ବ୍ରହ୍ମଚର୍ଯ୍ୟର ଉପଯୋଗିତା କ'ଣ ଏବିଷୟରେ ଆଲୋଚନା କରିବା । ବ୍ରହ୍ମଚର୍ଯ୍ୟ ହେଉଛି ମନୁଷ୍ୟର ସାରାତିସାର ଅମୂଲ୍ୟ ବସ୍ତୁ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନୁଷ୍ୟ ସମସ୍ତ କିଛି କରିବାରେ ସମର୍ଥ ହୋଇପାରେ । ମନୁଷ୍ୟର ଯଥାର୍ଥ ଜୀବନ ହେଉଛି ବ୍ରହ୍ମଚର୍ଯ୍ୟ । ସଂସାରର ଯେ କେହି ଶ୍ରେଷ୍ଠ ବ୍ୟକ୍ତି, ବଡ଼ ବଡ଼ ଋଷି, ମହାତ୍ମା, ମହାପୁରୁଷ, ଆଚାର୍ଯ୍ୟ ହୋଇଛନ୍ତି, ସେମାନେ ସମସ୍ତେ ବ୍ରହ୍ମଚର୍ଯ୍ୟକୁ ପ୍ରାଣରୁ ଅଧିକ ପ୍ରିୟ ରୂପେ ପାଳନ କରି ଅଛନ୍ତି । ସ୍ତ୍ରୀ ହେଉ ବା ପୁରୁଷ ହେଉ ଉନ୍ନତ ଜୀବନ ସକାଶେ ବ୍ରହ୍ମଚର୍ଯ୍ୟ ପାଳନ

ଅପରିହାର୍ଯ୍ୟ । ଆଜି ପର୍ଯ୍ୟନ୍ତ ନାରୀମାନଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ସକାଶେ ଶାସ୍ତ୍ର ଅଧିକ ଜୋର୍ ନ ଦେଇ କେବଳ ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ବର୍ଣ୍ଣନା କରିଥିଲା । କାରଣ ଏପର୍ଯ୍ୟନ୍ତ ସଂସାରରେ ଗୋଟିଏ ନୂତନ ଅତିମାନବ ଜାତିର ସ୍ଥାପନାର ସମୟ ଆସି ନ ଥିଲା । କେବଳ ଧର୍ମର ସୁଧାର ଏବଂ ବୃଦ୍ଧି ସକାଶେ ଅବତାର ତଥା ମହାପୁରୁଷ, ଆଚାର୍ଯ୍ୟମାନେ ପୃଥିବୀକୁ ଆସୁଥିଲେ । ସେହି କାର୍ଯ୍ୟରେ କେତେକ ପୁରୁଷଙ୍କୁ ଅଂଶ ଗ୍ରହଣ କରିବାକୁ ହେଉଥିଲା । ସେଥିରେ ନାରୀମାନଙ୍କର ପାତିବ୍ରତ୍ୟ ଧର୍ମ କେବଳ ସାହାଯ୍ୟ ପ୍ରାପ୍ତ ହେଉଥିଲା । ବର୍ତ୍ତମାନ କିନ୍ତୁ ପୃଥିବୀରେ ଅତିମାନବ ଜାତି ସ୍ଥାପନାର ସମୟ ଆସିଅଛି । ଏଥିରେ ସ୍ତ୍ରୀ ଓ ପୁରୁଷମାନଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ସେହି ସକାଶେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ପାଳନ ବିନା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ସମ୍ଭବ ନୁହେଁ । ଏପର୍ଯ୍ୟନ୍ତ ମନ, ପ୍ରାଣ, ଶରୀର ସେମାନଙ୍କ ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ହେବାର ସମୟ ଆସି ନ ଥିଲା । ବର୍ତ୍ତମାନ ସେ ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ଶ୍ରୀମା' ସେହି ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି । ନର-ନାରୀମାନଙ୍କର ଶରୀର ରୂପାନ୍ତର ହେଲେ ସେମାନେ ରୋଗ, ଜରା, ମୃତ୍ୟୁର କବଳରୁ ମୁକ୍ତ ହେବେ । ସେମାନଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ ହେବ । ସେମାନେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ହେବେ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ସେମାନେ ହେବେ ଭଗବାନଙ୍କ ଯନ୍ତ୍ର ।

ମନୁଷ୍ୟର ଯେତେ ପ୍ରକାର ସଦ୍‌ଗୁଣ ଅଛି, ସବୁଠାରୁ ଶ୍ରେଷ୍ଠ ହେଉଛି ବ୍ରହ୍ମଚର୍ଯ୍ୟ ପାଳନ । କୌଣସି ଆଧ୍ୟାତ୍ମିକ ସାଧକ, ଯେତେ ଅଲୌକିକ ସିଦ୍ଧିପ୍ରାପ୍ତ କରିଥାଉ; ଯେତେ ଆଶ୍ଚର୍ଯ୍ୟଜନକ କର୍ମ କରୁ, ତାହାର ଥରେ ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ, ଚରିତ୍ର ଭ୍ରଷ୍ଟ ହେଲେ, ଅନ୍ୟ ସମସ୍ତ ସଦ୍‌ଗୁଣ ଏହି ଦୁର୍ଗୁଣର କଳା ପରଦା ଦ୍ୱାରା ଆଚ୍ଛାଦିତ ହୋଇଯାଏ; ଲୋକମାନେ ଆଦର ନ କରି ଘୃଣା କରନ୍ତି । ମହିଳାମାନଙ୍କର ଏକମାତ୍ର ଭୂଷଣ ହେଉଛି ସଚ୍ଚରିତ୍ରତା । ସଚ୍ଚରିତ୍ରା ସ୍ତ୍ରୀମାନଙ୍କର ସର୍ବାବସ୍ଥାରେ ଆଦର । ସେମାନେ ବଡ଼ ବଡ଼ ଋଷି, ମୁନି, ସାଧୁ, ମହାତ୍ମାଙ୍କର ମାତା ରୂପେ ବନ୍ଦନୀୟା । କିନ୍ତୁ ସ୍ତ୍ରୀ ସମସ୍ତ ସଦ୍‌ଗୁଣର ମୂର୍ତ୍ତିମାନ୍ ବିଗ୍ରହ ହେବା ସତ୍ତ୍ୱେ ଚରିତ୍ରରେ କଳଙ୍କ ଥିଲେ ଦ୍ୱିତୀୟା ଚନ୍ଦ୍ର ସଦୃଶ ତ୍ୟାଜ୍ୟା, ଘୃଣାର ପାତ୍ରୀ ହୁଏ । ଏପରିକି ଯେଉଁ କାମୁକ ପୁରୁଷ ଅନ୍ୟ ସ୍ତ୍ରୀ ସଙ୍ଗେ ଅସତ୍ ସମ୍ପର୍କରେ ରତ ଥାଏ, ଅତ୍ୟନ୍ତ ଆସକ୍ତି ବଶତଃ ସେ ନିଜର ମାନ-ସମ୍ମାନ, ଧନ-ସମ୍ପଦ, ଏପରିକି ନିଜ ଜୀବନ ପର୍ଯ୍ୟନ୍ତ ଅର୍ପଣ କରିଦେଇ ସେହି ଦୁଶ୍ଚରିତ୍ରା ସ୍ତ୍ରୀର ଦାସ ହୋଇଥାଏ, ସେହି ବ୍ୟକ୍ତି ସେହି ସ୍ତ୍ରୀର ଚରିତ୍ରକୁ ଘୃଣା କରେ । ଏପରିକି କାମୁକ ପୁରୁଷ ମଧ୍ୟ ପତିବ୍ରତା ସ୍ତ୍ରୀକୁ ହାର୍ଦ୍ଦିକ ସମ୍ମାନ କରେ । ଦୁର୍ଭାଗ୍ୟବଶତଃ ବିଦେଶୀ ଶିକ୍ଷା ଦୋଷରୁ ବାଳିକାମାନେ ନିଜ ଚରିତ୍ରର ଏପରି ଗୌରବକୁ ହୃଦୟଙ୍ଗମ କରି ପାରୁ ନାହାନ୍ତି କିଂବା ନିଷ୍ଠାର ସହିତ ପାଳନ କରିପାରୁ ନାହାନ୍ତି । ଏଥିନିମିତ୍ତ କେବଳ ବାଳିକାମାନେ ଦାୟୀ ନୁହନ୍ତି, ସେମାନଙ୍କ ମା'ମାନେ ମଧ୍ୟ ଦାୟୀ । ମା'ମାନଙ୍କର ଆଚରଣ ଓ ପ୍ରଭାବ ପଡ଼େ ଯଥେଷ୍ଟଭାବେ ଶିଶୁମାନଙ୍କ ଉପରେ । ସୁତରାଂ ମା'ମାନଙ୍କର ସତ୍ୟ ଧର୍ମ ଆଚରଣ କରିବା ଆବଶ୍ୟକ । ବାଳିକାମାନଙ୍କର ଦଶବର୍ଷ ବୟସରେ କାମ ସଞ୍ଚାର ହୁଏ । ଯୌବନ ଆରମ୍ଭର ପ୍ରଥମ ଅବସ୍ଥାରେ ପତନ ହେବାର ଅଧିକ ସମ୍ଭାବନା ଥାଏ । ଏହି ସମୟରେ ସଂଯତ ରହି, ଏହି ଅବସ୍ଥାକୁ ଅତିକ୍ରମ କରିବାର ଉପାୟ ହେଲା ଭଗବତ୍ ଆଶ୍ରୟ ଓ ସଦ୍‌ଗ୍ରନ୍ଥ ଅଧ୍ୟୟନ । ଏହି ଅଭ୍ୟାସ ବାଳିକାମାନେ ଶିଶୁ ଅବସ୍ଥାରୁ କରିବା ଉଚିତ ।

ପତନର କାରଣ ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଗଳ୍ପ, ଉପନ୍ୟାସ ଆଦି ପଢ଼ିବା, ଦୁଶ୍ଚରିତ୍ରା ବାଳିକା ବା ଦୁଶ୍ଚରିତ୍ରା ପ୍ରୌଢ଼ାଙ୍କ ସଙ୍ଗେ ସାଙ୍ଗ ହେବା । ଯଥାର୍ଥରେ ସଂଯମ ରକ୍ଷା ହୁଏ ହାର୍ଦ୍ଦିକ ଇଚ୍ଛାରେ ନିଜ ପ୍ରଯତ୍ନ ଦ୍ୱାରା, ନିଜ ଚରିତ୍ରର ମହତ୍ତ୍ୱ ଜାଣି ତାହାକୁ ପ୍ରାଣରୁ ପ୍ରିୟ ଭାବେ ପାଳନ କରିବା ଦ୍ୱାରା । ଭଗବତ ଆଶ୍ରୟରେ ଦୃଢ଼ ସଂକଳ୍ପ ହେଲେ, ତାହା ପାଳିତ ହୁଏ । ଗୁରୁଜନଙ୍କ ଭୟ, ସଂସାରର ନିନ୍ଦା, ସଂଯମ ରକ୍ଷା କରିବାରେ ସହାୟକ ହୁଏ ନାହିଁ । ଅତୀତରେ ଯେଉଁମାନେ ପତିବ୍ରତା ହୋଇଛନ୍ତି, ସେମାନେ ଭଗବାନଙ୍କର ଅନନ୍ୟା ଭକ୍ତା ଥିଲେ । ଭଗବତ୍ ଭକ୍ତି ଛଡ଼ା କୌଣସି ମହତ୍ କାର୍ଯ୍ୟ ନିଖୁଣ ଭାବେ ସମ୍ପାଦିତ ହୁଏ ନାହିଁ ।

ଏଣୁ ପ୍ରତ୍ୟେକ ମା' ନିଜ ନିଜ ଗ୍ରାମ ବା ସହରରେ ଶ୍ରୀଅରବିନ୍ଦଙ୍କ ମହିଳା-କେନ୍ଦ୍ର ସ୍ଥାପନ କରି, ଶ୍ରୀଅରବିନ୍ଦ ଯୋଗ ଓ ସାଧନା, ନବଜ୍ୟୋତି, ଲୋକ ସାହିତ୍ୟ, ଭକ୍ତ-ଚରିତ ଓ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ଅଧ୍ୟୟନ କରନ୍ତୁ । ମା'ମାନେ ଏପରି ଆଚରଣ କଲେ ନିଜ ଜୀବନ ସୁଧାର ହେବ ଏବଂ ଏହାର ପ୍ରଭାବ ଶିଶୁ ଅବସ୍ଥାରୁ ସନ୍ତାନମାନଙ୍କ ଉପରେ ପଡ଼ିବ । ତେବେ ସେମାନେ ମଧ୍ୟ ଏହିପରି ଆଚରଣ କରିବାକୁ ପ୍ରବୃତ୍ତ ହେବେ । ସୁତରାଂ ସେମାନଙ୍କର ସଚ୍ଚରିତ୍ର ଗଠନ ହେଲେ ସେମାନେ ପାତିବ୍ରତ୍ୟ ଧର୍ମ ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ।

ବର୍ତ୍ତମାନ ସଂସାରରେ ଯେଉଁ ଦୁର୍ନୀତି ଦେଖାଯାଉଛି, ଏହା ନୂତନ ଯୁଗର ଆଗମନ ଓ ପୁରାତନ ଯୁଗର ଶେଷ ସମୟ । ପ୍ରତ୍ୟେକ ସମୟରେ ନୂତନ ସତ୍ୟ ଆସିବା ପୂର୍ବରୁ ପୁରାତନ ରୀତିନୀତି, ସମାଜ-ଧର୍ମ ନଷ୍ଟ ହୁଏ । ବର୍ତ୍ତମାନ ଠିକ୍ ନୂତନ ସତ୍ୟର ଆଗମନର ସମୟ । ଏହି ନୂତନ ଅଧ୍ୟାତ୍ମ ଅତିମାନସ ଶକ୍ତିହିଁ ସଂସାରର ପରିବର୍ତ୍ତନ କରିବାରେ ସମର୍ଥ । ନର-ନାରୀ, ବାଳକ-ବାଳିକାମାନେ ଏହି ସତ୍ୟକୁ ଗ୍ରହଣ କରିବାକୁ ଯେତେ ସଂଖ୍ୟାରେ, ଯେତେ ପରିମାଣରେ ତିଆରି ହେବେ, ସେତେ ଶୀଘ୍ର ସଂସାରରୁ ଅସତ୍ୟ, ଅନ୍ୟାୟ ଦୂର ହେବ, ଜଗତରେ ନୂତନ ସତ୍ୟ ପ୍ରତିଷ୍ଠିତ ହେବ । ଏହି ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିବା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିବା ଉଚିତ ।

## ଆବଶ୍ୟକ ନିୟମ

୧. ପ୍ରତ୍ୟେକ ବାଳିକାର ଅଠର ବର୍ଷ ବୟସ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ଯେଉଁମାନେ ତୀବ୍ର ସାଧନା ଦ୍ୱାରା ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ପ୍ରକଟ କରିବାକୁ ଚାହାନ୍ତି, ସେମାନଙ୍କର ସାରା ଜୀବନ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଯେଉଁମାନେ ତୀବ୍ର ସାଧନା କରିବାରେ ଅସମର୍ଥ, ସେମାନଙ୍କୁ ୧୮ ବର୍ଷ ବୟସ ପରେ ବିବାହିତ ଜୀବନରେ ପାତିବ୍ରତ୍ୟ ଧର୍ମ ପାଳନ କରିବାକୁ ହେବ । ଯଥାର୍ଥରେ ପାତିବ୍ରତ୍ୟ ଧର୍ମ ପାଳନ ହୁଏ ଭଗବତ୍ ଭକ୍ତି ଦ୍ୱାରା । ସୁତରାଂ ପ୍ରତ୍ୟେକ ବାଳିକା ବାଲ୍ୟ ଅବସ୍ଥାରୁ ଭଗବତ୍ ଭକ୍ତି ଅଭ୍ୟାସ କରିବା ଉଚିତ ।

୨. ବାଳିକାମାନେ ଅଶ୍ଳୀଳ ସିନେମା ନ ଦେଖିବା ଏବଂ ଅଶ୍ଳୀଳ ଗଳ୍ପ, ଉପନ୍ୟାସ ନ ପଢ଼ିବା ଉଚିତ । ଯଦି ପାଠ୍ୟପୁସ୍ତକରେ ଅଶ୍ଳୀଳ ଗଳ୍ପ ପଢ଼ିବାକୁ ହୁଏ, କୌଣସି କାରଣବଶତଃ ଅଶ୍ଳୀଳ ସିନେମା ଦେଖିବାକୁ ହୁଏ, ତେବେ ସେତେବେଳେ ନିଜ ଆଦର୍ଶକୁ ଭୁଲିବା ଉଚିତ ନୁହେଁ । ନିୟମିତ ରୂପେ ନବଜ୍ୟୋତି, ଲୋକସାହିତ୍ୟ, ବିଚିତ୍ର-ବିଭୂତି, ଭକ୍ତ-ଚରିତ, ଗୀତା, ଭାଗବତ ଇତ୍ୟାଦି ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ଆବଶ୍ୟକ । ଦୁଷ୍ଚରିତ୍ରା ବାଳିକା ସହ ସାଙ୍ଗ ହେବା ଉଚିତ ନୁହେଁ । ଦୁଷ୍ଚରିତ୍ର ବାଳକର ସଙ୍ଗ ସର୍ବଥା ତ୍ୟାଜ୍ୟ ।

୩. ବହୁତ ଗରମ, ଅଧିକ ରାଗ, ଖଟା, ବାସି ଖାଦ୍ୟ ଇତ୍ୟାଦି ଖାଇବ ନାହିଁ । ପିଆଜ, ମାଛ, ମାଂସ ଇତ୍ୟାଦି ଉତ୍ତେଜକ ବସ୍ତୁ, ଯଦି ଏହିସବୁ ବର୍ଜନ କରିବାରେ ଅସୁବିଧା ହୁଏ, ତେବେ କମ୍ ପରିମାଣରେ ଖାଇବ । ଦୁର୍ଭାଗ୍ୟବଶତଃ ଆଜିକାଲି କେହି କେହି ମହିଳା ମଦ, ସିଗାରେଟ୍ ଆଦି ବ୍ୟବହାର କରୁଛନ୍ତି । ଏହା ସର୍ବଥା ବର୍ଜନୀୟ । ଭଗବତ୍ ଆଶ୍ରୟ ଦ୍ୱାରାହିଁ ଏହିସବୁ ସଂଯମ ଏବଂ ବ୍ରହ୍ମଚର୍ଯ୍ୟ ତଥା ପାତିବ୍ରତ୍ୟ ଧର୍ମ ପାଳନ ହୋଇପାରେ । ''ନାରୀମାନଙ୍କର ଆଧ୍ୟାତ୍ମିକ ସାଧନାର ପ୍ରୟୋଜନ ନାହିଁ'' – ଏହି ପୂର୍ବ ସଂସ୍କାରକୁ ପୂର୍ଣ୍ଣରୂପେ ବର୍ଜନ କରିବାକୁ ହେବ । ସଂସାରରେ ନୂତନ ଦିବ୍ୟ ମାନବ ଜାତି ସ୍ଥାପନ କରିବା କାର୍ଯ୍ୟରେ ନାରୀ ଏବଂ ପୁରୁଷ ଉଭୟଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ନାରୀମାନଙ୍କ ସହଯୋଗ ବିନା ଏହି କାର୍ଯ୍ୟ ସମ୍ପନ୍ନ ହୋଇପାରିବ ନାହିଁ । ସେହି କାରଣରୁ ଆଶ୍ରମରେ ଅଧ୍ୟାତ୍ମ ସାଧନାରେ ବାଳକ, ବାଳିକା, ସ୍ତ୍ରୀ, ପୁରୁଷ – ସମସ୍ତଙ୍କୁ ସମାନ ସୁବିଧା ଦିଆଯାଇଛି ।

ଏହି ମହତ୍ତ୍ୱପୂର୍ଣ୍ଣ, ସୀମାହୀନ ବହୁବ୍ୟାପ୍ତ କାର୍ଯ୍ୟରେ ନାରୀଜାତିର ଭୂମିକା କ'ଣ ? ଏ କଥା ସତ୍ୟ ଯେ ଯେତେବେଳେ କୌଣସି ମହନୀୟ ଘଟନା ବା କାର୍ଯ୍ୟର ପ୍ରଶ୍ନ ଉଠେ ସେତେବେଳେ – 'ତୁମ ଭଳି ଅବଳା, ନିରିମାଖି, ଅକାମୀ ଜୀବଙ୍କର କାମ ଏ ନୁହେଁ, ଏଇ କଥା କର୍ତ୍ତାସୁଲଭ ଦୟାସୂଚକ ସ୍ମିତହାସ୍ୟ ସହକାରେ କହି ନାରୀଜାତିକୁ ଏକ-କଣିକିଆ କରି ରଖିବା ଗୋଟାଏ ପ୍ରଥାରେ ପରିଣତ ହୋଇ ଯାଇଛି । ସମର୍ପଣଶୀଳ, ପିଲାଳିଆ ତଥା ବୋଧହୁଏ ଅଳସ ପ୍ରକୃତିର ନାରୀଜାତି ମଧ୍ୟ ଏଇଭଳି ଦୁଃଖଦାୟକ ଅବସ୍ଥାକୁ ବହୁ ଦେଶରେ ମାନି ନେଇଛନ୍ତି । ମୁଁ ଏକଥା ଜୋର ଦେଇ କହୁଛି ଯେ ସେମାନେ ଭୁଲ୍ କରିଛନ୍ତି, ଭାବୀକାଳର ଜୀବନରେ ନର ଓ ନାରୀ ମଧ୍ୟରେ ଏଭଳି ବିଭେଦର, ଏଭଳି ଅସମତାର କୌଣସି ଅବକାଶହିଁ ରହି ପାରିବ ନାହିଁ ।

– ଶ୍ରୀମା